# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୪/୨୦୧୯ (୮ପୃଷ୍ଠା) | Bhubaneswar, Saturday, May 4/2019 | ★★★★★★

୪୫ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରିକି ପଣ୍ଟିଂ ଆଶାବାଦୀ**

ପୂର୍ବ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସଠାରୁ ହାରି ଯାଇଥିଲେ ହେଁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ନେଇ କୋଚ୍ ରିକି ପଣ୍ଟିଂ ଆଶାବାଦୀ।

୦୮

୦୭

**୨୪ରେ ମୋଦି ବାୟୋପିକ୍ ରିଲିଜ**

ଲୋକ ସଭା ନିର୍ବାଚନ ଫଳାଫଳ ପରେ ମେ ୨୪ରେ 'ପି.ଏମ୍. ନରେନ୍ଦ୍ର ମୋଦି' ଦେଶବ୍ୟାପୀ ରିଲିଜ ହେବ ବୋଲି ଏହାର ନିର୍ମାତା ପ୍ରକାଶ କରିଛନ୍ତି।



# 'ଫନୀ'ର କୋପ



- ପୁରୀରେ ୨୦୦ କି.ମି. ବେଗରେ ବହିଲା ପବନ
- ରାଜଧାନୀରେ ୧୪୦ରୁ ୧୬୦
- ପୁରୀ ସମେତ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାରେ ବ୍ୟାପକ କ୍ଷୟକ୍ଷତି
- କୋଣାର୍କ ମେରାଇନ ଡ୍ରାଇଭ ରାସ୍ତା ଲଘିଂଲା ସମୁଦ୍ର
- ଘରଦ୍ୱାର, ଗଛ, ବିଦ୍ୟୁତ୍ ଖୁଣ୍ଟ, ହୋର୍ଡିଂ ଉପାଡ଼ି ନେଲା
- ପୁରୀ, ଭୁବନେଶ୍ୱର, କଟକରେ ବିଦ୍ୟୁତ୍, ଟେଲି ଯୋଗାଯୋଗ ବିପର୍ଯ୍ୟସ୍ତ
- ଉଦ୍ଧାର, ରିଲିଫ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଆଜି ପଶ୍ଚିମବଙ୍ଗ ଅତିକ୍ରମ କରିବ 'ଫନୀ'

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଚାହୁଁ ଚାହୁଁ ସବୁ କିଛି ଛାରଖାର ହୋଇଗଲା। ବଡ଼ ବଡ଼ଗଛ ଠାରୁ ଆରମ୍ଭ କରି ଘରଦ୍ୱାର ଭାଙ୍ଗିବା ସହ ହୋର୍ଡିଂ, ବିଦ୍ୟୁତ୍ ଖୁଣ୍ଟ ଉପାଡିନେଲା। ନିମିଷକ ମଧ୍ୟରେ ତାଣ୍ଡବ ରଚାଇଲା ବାତ୍ୟା 'ଫନୀ' । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସାମୁଦ୍ରିକ ଝଡ଼ ଅତି ଭୟଙ୍କର ବାତ୍ୟାରେ ପରିଣତ ହୋଇ ଶୁକ୍ରବାର ପୂର୍ବାହ୍ନ ୯ଟାରେ ପୁରୀ ଉପକୂଳ ଛୁଇଁଛି। ଏହାର ପ୍ରଭାବରେ ଛାରଖାର ହୋଇଯାଇଛି ପୁରୀ ଓ ଭୁବନେଶ୍ୱର। ଗଞ୍ଜାମ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି।

ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ଶୁକ୍ରବାର ସକାଳୁ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା । ଗାଡିମୋଟର ଚଳାଚଳ ପ୍ରାୟ ନ ଥିଲା। ଭୋରରୁ ଲାଗି ରହିଥିଲା ଝିପିଝିପି ବର୍ଷା ସାଙ୍ଗକୁ ହାଲକା ପବନ । ୯ଟାରୁ ବଢିଲା ପବନର ବେଗ । ୧୨ଟା ଯାଏ ପ୍ରବଳ ବେଗରେ ବହିଲା । କିଛି ସମୟ ପ୍ରଳୟ ଥମିଗଲା । ପବନ ବେଗ କମିବା ଦେଖି ଲୋକମାନେ ଆଶ୍ୱସ୍ତ ଅନୁଭବ କଲେ। ମାତ୍ର ପୂର୍ବ ଉତ୍ତର ପୂର୍ବ ଦିଗ ଦେଇ ଗତି କରୁଥିବା ବାତ୍ୟା ହଠାତ୍ ଦିଗ ପରିବର୍ତ୍ତନ କରି ଉତ୍ତର ପଶ୍ଚିମ ଦିଗକୁ ମୁହାଁଇଥିଲା। ଆହୁରି ବଳ ଯୋଗାଡ କରି ଉଗ୍ରରୂପ ଧାରଣ କଲା। ଭୁବନେଶ୍ୱରରେ ମଧ୍ୟାହ୍ନ ୧୨ଟା ୩୦ରୁ ଆରମ୍ଭ ହେଲା ଫନୀର କରାଳ ରୂପ। ପବନର ଗତି ଛାତି ଥରାଇ ଦେଲା। ଘଣ୍ଟାକୁ ୧୮୦ରୁ ୨୦୦ କିଲୋମିଟର ବେଗରେ ଏମିତି ପବନ ବହିଲା ଯେ ପୁରୀ ଓ ଭୁବନେଶ୍ୱର ପାଇଁ ଆଣିଦେଲା ବିପର୍ଯ୍ୟୟ। ନିମିଷକ ମଧ୍ୟରେ ଉପାଡି ନେଲା ମହାଦ୍ରୁମ। ଦେଢଘଣ୍ଟା କାଳ ସୁ ସୁ ଗର୍ଜନ କରି ଉଡାଇନେଲା ଘରଦ୍ୱାର, ଗଛଲତା, ହୋର୍ଡିଂ, ବିଦ୍ୟୁତ୍ ଖୁଣ୍ଟ। ଫନୀର ଶକ୍ତ ପ୍ରହାରରେ ଦୋହଲିଗଲା ଦୁଇ ସହର। ଭୁଶୁଡିଗଲା ମାଳ ମାଳ ପାଚେରି। ଶ୍ରୀହୀନ ହୋଇଗଲା ପୁରୀ ଓ ଏକାମ୍ର ନଗରୀ ଭୁବନେଶ୍ୱର। ଯିଏ ଯେଉଁଠି ଥିଲେ ମୁଣ୍ଡ ଗୁଞ୍ଜି ଆଶ୍ରୟ ନେଲେ। ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିବାରୁ ପୁରୀ ଓ ଭୁବନେଶ୍ୱର ଅନ୍ଧକାରମୟ ହୋଇଯାଇଛି। ପୁରୀ ଜିଲାର ମେରାଇନ ଡ୍ରାଇଭ ପାଖରେ ସମୁଦ୍ର କୂଳ ଲଘଂନ କରିଥିବା ଜଣାପଡିଛି। ପୁରୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ବାତ୍ୟା ଯୋଗୁ ଭୟଙ୍କର କ୍ଷୟକ୍ଷତି ହୋଇଛି। ରାସ୍ତାଘାଟରେ କୁଢ କୁଢ ଗଛ ଭୂଲୁଣ୍ଠିତ ହୋଇରହିଛି। ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଇଛି। ଅଗ୍ନିଶମ ବିଭାଗ, ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ କର୍ମଚାରୀମାନେ ସହରର ମୁଖ୍ୟ ରାସ୍ତାଗୁଡିକରୁ ଗଛ ହଟାଇବାରେ ଲାଗିଛନ୍ତି। ଉଦ୍ଧାର, ରିଲିଫ କାର୍ଯ୍ୟ ପାଇଁ ପୁରୀ ଓ ଖୋର୍ଦ୍ଧା ଜିଲାରେ ୪୮ଟି ଏନ୍‌ଡିଆରଏଫ୍ ଟିମ ନିୟୋଜିତ ହୋଇଛନ୍ତି। ଭାଙ୍ଗିପଡିଥିବା ଗଛଗୁଡିକୁ କଟର ମେଶିନ ସହାୟତାରେ ରାସ୍ତାରୁ ସଫା କରାଯାଉଛି।

ଅପରାହ୍ନ ୩ଟା ଯାଏ ବାତ୍ୟା ଆତଙ୍କ ଖେଳାଇବା ପରେ ଧୀରେ ଧୀରେ ଶାନ୍ତ ପଡିଥିଲା। ତେବେ ବାତ୍ୟା ଉତ୍ତର ପୂର୍ବ ଦିଗକୁ ଗତି କରିବା ବେଳେ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାରେ ପ୍ରବଳ ଝଡବର୍ଷା କରାଇଛି। ମାତ୍ର ବିଳମ୍ବିତ ରାତି ଯାଏ ବର୍ଷା ଲାଗିରହିଥିଲା। ଓଡ଼ିଶାରେ ତାଣ୍ଡବ ରଚାଇବା ପରେ ବାତ୍ୟା ଗତିପଥ ବଦଳାଇ ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରିବା ସହ ଧୀରେ ଧୀରେ ଦୁର୍ବଳ ହୋଇ ପଶ୍ଚିମବଙ୍ଗ ଆଡକୁ ମୁହାଁଇଛି। ଏହାର ପ୍ରଭାବରେ ପଶ୍ଚିମବଙ୍ଗରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିଲୋମିଟର ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୪ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ବାଂଲାଦେଶ ଅତିକ୍ରମ କରି ସମ୍ପୂର୍ଣ୍ଣ ଦୁର୍ବଳ ହେବାର ସମ୍ଭାବନା ରହିଛି।

ବାତ୍ୟା ପ୍ରକୋପରେ ଗୁରୁବାର ରାତିଠାରୁ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କୋରାପୁଟ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି। ଅନୁରୂପ ଭାବେ ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଝଡତୋଫାନ ସହ

☞ପୃଷ୍ଠା-୭

ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର ବାତ୍ୟା ସମୟର ଦୃଶ୍ୟ ।

## ରାଜଧାନୀରେ ୭ ମୃତ, ୫୦ରୁ ଉର୍ଦ୍ଧ୍ୱ ଆହତ

- ଭାଙ୍ଗିଲା ଗଛ, ଉଡ଼ିଲା ଆଜବେଷ୍ଟସ୍
- ଗଛ ପଡ଼ି ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

ରାଜଧାନୀରେ ଶୁକ୍ରବାର ବାତ୍ୟା 'ଫନୀ'ର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଭୁବନେଶ୍ୱର ସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ,ଷ୍ଟ୍ରିଟ୍ ଲାଇଟ୍, ହୋର୍ଡିଂ ଆଦି ଭାଙ୍ଗିଯାଇଛି। 'ଫନୀ' ଲ୍ୟାଣ୍ଡଫଲ କରିବା ସମୟରେ ଘରୁ ନ ବାହାରିବା ଲାଗି ଲୋକଙ୍କୁ ସତର୍କ କରିଥିଲା ପ୍ରଶାସନ। ଏପରିକି ରାଜଧାନୀର କଚ୍ଚାଘରେ ରହୁଥିବା ଲୋକଙ୍କୁ ପକ୍କାଘରକୁ ଚାଲିଯିବା ପାଇଁ ପରାମର୍ଶ ଦେଇଥିଲା। ଏହାସତ୍ତ୍ୱେ ଅନେକ ଲୋକ ନିଜ ଘର ଛାଡ଼ିଯାଇ ନ ଥିଲେ। ଏଥିଯୋଗୁ ଅନେକ ସ୍ଥାନରେ ଗଛ ଓ ଆଜବେଷ୍ଟସ୍ ପଡ଼ି ପ୍ରାୟ ୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା କ୍ୟାପିଟାଲ ହସ୍ପିଟାଲ ସୂତ୍ରରୁ ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରୁ ଗୁରୁତର ଥିବା ୨୦ଜଣ ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏସିପି ଅନୁପ କାନୁନ୍‌ଗୋଙ୍କ ପୁଅ ଘର ଭିତରେ ବସିଥିବାବେଳେ ତାଙ୍କ ମୁଣ୍ଡରେ ଘରର ଶିଲିଂ ଖସି ପଡ଼ିଥିଲା। ତାଙ୍କ ମୁଣ୍ଡ ଫାଟିଯାଇଛି। ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଓ ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଛକରେ ଗଛ ପଡ଼ି ୨ଜଣଙ୍କ ଜୀବନ ଯାଇଛି। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅଧୀନ ତାରିଣୀ ବସ୍ତିରେ ଆଜବେଷ୍ଟସ୍ ପଡ଼ି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ, ଟଙ୍କପାଣି ରୋଡ୍, ନୟାପଲ୍ଲୀ, ଏୟାରଫିଲ୍ଡ ଓ ବାଲିଅନ୍ତା ଆଦି ଅଞ୍ଚଳରେ ଜଣେ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ରାସ୍ତା ଉପରେ ବଡ଼ ବଡ଼ ଗଛ ଉପୁଡ଼ି ପଡିଥିବାରୁ ଗାଡ଼ି ଚଳାଚଳ ସମ୍ଭବ ହୋଇ ନ ଥିଲା। ଫଳରେ ଅନେକ ଆହତଙ୍କୁ ଡାକ୍ତରଖାନା ନିଆଯାଇପାରି ନ ଥିଲା।

ଫନୀ ତାଣ୍ଡବ ରଚିବା ପରେ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ରାସ୍ତା ଉପରେ ପଡ଼ିଥିବା ଗଛଗୁଡ଼ିକୁ କାଟି ରାସ୍ତା ସଫା କରିଥିଲେ। କ୍ୟାପିଟାଲ ହସ୍ପିଟାଲ ସମ୍ମୁଖରେ ପଡ଼ିଥିବା ଗଛ କାଟି ସଫା କରାଯାଇଛି। ମୋବାଇଲ୍ ଫୋନ ନେଟୱର୍କ ଫେଲ୍ ଯୋଗୁ ଯୋଗାଯୋଗ ବ୍ୟାହତ ହୋଇଥିଲା। ଅପରାହ୍ନ ୪ଟା ପରେ ବର୍ଷା, ପବନ କମିଯିବାରୁ ଲୋକେ ପଦାକୁ ବାହାରିଥିଲେ। କେତେକ ବ୍ୟକ୍ତି ବୁଲିବୁଲି ବାତ୍ୟା ବିଭୀଷିକାର ଦୃଶ୍ୟକୁ ନିଜ ମୋବାଇଲ୍‌ରେ ଭିଡିଓ ରେକର୍ଡିଂ କରୁଥିବା ଦେଖିବାକୁ ମିଳିଥିଲା। କ୍ୟାପିଟାଲ ଥାନା, ମହିଳା ଥାନା, ଖାରବେଳ ନଗର ଥାନା, ଚନ୍ଦ୍ରଶେଖରପୁର ଥାନା, ଖଣ୍ଡଗିରି ଥାନା ଆଦି ସମ୍ମୁଖରେ ଗଛ ଉପୁଡ଼ି ପଡ଼ିଥିବାରୁ ପୋଲିସ ଭ୍ୟାନ୍ ବାହାରିବା କଷ୍ଟକର ହୋଇଥିଲା। ରାଜଧାନୀର ପ୍ରମୁଖ ବଜାର ଏକ ନମ୍ବର ମାର୍କେଟ ସମେତ ଅନ୍ୟ କେତେକ ମାର୍କେଟ ଭାଙ୍ଗିରୁଜିଯାଇଛି। ଏହାର ଫାଇଦା ନେଇ କେତେକ ଅସାମାଜିକ ବ୍ୟକ୍ତି ଏହି ସବୁ ଦୋକାନରୁ ଲୁଟପାଟ କରିଥିବା ଜଣାପଡ଼ିଛି। ବଡ ବଡ ମଲ୍ ଓ ଦୋକାନରେ ଲାଗିଥିବା ଟ୍ୟୁବ୍ ଲାଇଟ୍ ଭାଙ୍ଗି କାଚ ରାସ୍ତା ଉପରେ ପଡ଼ିଥିଲା। ଅନେକ ଗାଡ଼ି ଓ ଲୋକଙ୍କ ଗୋଡ଼ରେ କାଚ ପଶିଯାଉଥିବା ଦେଖିବାକୁ ମିଳିଥିଲା।



'ଫନୀ' ପ୍ରଭାବରେ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ବାମପାର୍ଶ୍ୱରେ ଥିବା ଜୟଙ୍କ ମୂର୍ତ୍ତି ଖସିପଡ଼ିଛି(ବୃତ୍ତ ଚିହ୍ନିତ)।



ଭାଙ୍ଗିପଡ଼ିଥିବା ଜୟମୂର୍ତ୍ତି ।


ସତ୍ୟନଗର ପିଡବ୍ଲୁଡି କଲୋନୀ ବସ୍ତି।


ୟୁନିଟ୍-୩ ରାମମନ୍ଦିର ଟ୍ରାଫିକ୍ ଛକ

## ଭୁବନେଶ୍ୱର


ସତ୍ୟନଗରରୁ ବିଗ୍‌ବଜାର ରାସ୍ତା


ଶ୍ରୀୟା ଛକ ନିକଟ ରାସ୍ତା ଉପରେ ପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟି ବାହାର କରୁଛନ୍ତି।

## ଛାରଖାର ରେଳ ଷ୍ଟେଶନ

ଫନୀ ପ୍ରଭାବରେ ଭୁବନେଶ୍ୱର ରେଳଷ୍ଟେଶନ ପ୍ଲାଟ୍‌ଫର୍ମରେ ଆଜବେଷ୍ଟସ୍ ଉଡ଼ିଯିବା ସହ ଏକାଧିକ ଲାଇଟ୍ ଭାଙ୍ଗିଯାଇଛି। ଏପରିକି ପ୍ଲାଟ୍‌ଫର୍ମରେ ଲାଗିଥିବା ଏଲ୍‌ଇଡି ଟିଭି କ୍ଷତିଗ୍ରସ୍ତ ହୋଇଛି। ପ୍ଲାଟ୍‌ଫର୍ମରେ କାଚ ଓ ଆଜବେଷ୍ଟସ୍ ଉଡ଼ି ଏଣେ ତେଣେ ପଡ଼ିଛି। ଷ୍ଟେଶନରେ ଲାଗିଥିବା ହୋର୍ଡିଂ ଭାଙ୍ଗିବା ସହ କାନ୍ଥ ଭୁଶୁଡ଼ି ପଡିଛି। ସେହିଭଳି ମାଷ୍ଟର କ୍ୟାଣ୍ଟିନ ଛକ-ଷ୍ଟେଶନ ରାସ୍ତାର ଏକ ବଡ଼ ଲୁହା ହୋର୍ଡିଂ ଭାଙ୍ଗିଯାଇଛି।

















# ସ୍ମାର୍ଟ ସିଟି ହେଲା ସ୍ମାଶ୍ ସିଟି

ଭୁବନେଶ୍ୱର,୩।୫(ବ୍ୟୁରୋ): ଉଜୁଡ଼ିଗଲା ସ୍ମାର୍ଟ ସିଟି ଭୁବନେଶ୍ୱରର ସୌନ୍ଦର୍ଯ୍ୟ। ବର୍ଷ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମରେ ଗଢ଼ିଉଠିଥିବା ରାଜଧାନୀର ସୌନ୍ଦର୍ଯ୍ୟ କିଛିକ୍ଷଣରେ ମାଟିରେ ମିଶିଗଲା। ଚାହୁଁ ଚାହୁଁ ଆଖି ପିଛୁଳାକେ ସବୁକିଛି ଉଜୁଡ଼ିଗଲା। କ୍ଲିନ୍ ଓ ଗ୍ରୀନ୍ ସିଟିର ମାନ୍ୟତା ପାଇଥିବା ଭୁବନେଶ୍ୱର ନିଜର ସବୁଜିମା ହରାଇଲା। ରାଜଭବନଠାରୁ ଆରମ୍ଭ କରି ବିମାନ ବନ୍ଦର ପର୍ଯ୍ୟନ୍ତ, ସଚିବାଳୟ ଠାରୁ ଆରମ୍ଭ କରି ରେଳଷ୍ଟେଶନ ପର୍ଯ୍ୟନ୍ତ କେଉଁଠି ବି କାହାକୁ ଛାଡ଼ିଲାନି 'ଫନୀ'। ବାତ୍ୟାର ପ୍ରକୋପରେ ଛାରଖାର ହୋଇଗଲା ରାଜଧାନୀ। କେବେ ଏଭଳି ତାଣ୍ଡବର ସମ୍ମୁଖୀନ ହୋଇ ନ ଥିବା ଭୁବନେଶ୍ୱରବାସୀ ୧୯୯୯ ମହାବାତ୍ୟାଠାରୁ ବି ଏହା ବଳିଯାଇଥିବା କହିଥିଲେ। ଘଣ୍ଟାକୁ ୧୭୫ରୁ ୧୮୦ କିମି ବେଗ ପବନରେ ବସ୍ତିରୁ ଆପାର୍ଟମେଣ୍ଟ ଯାଏଁ ସବୁଠି ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା।

## ରାଜଧାନୀ ମାନଚିତ୍ରରୁ ହଜିଗଲା ବସ୍ତି

ସହରର ମାନଚିତ୍ରରୁ ଅସ୍ତିତ୍ୱ ହରାଇଲା ବସ୍ତି। ଫନୀର ତାଣ୍ଡବ ଏଭଳି ଥିଲା ଯେ ବିଭିନ୍ନ ବସ୍ତିରେ ଥିବା ଘରଗୁଡ଼ିକ ମାତ୍ର କିଛି ସମୟ ମଧରେ ଧ୍ୱଂସ ହୋଇଯାଇଥିଲା। ଘରର ଆଜବେଷ୍ଟସ୍ ଓ ଚାଳଛପରଗୁଡ଼ିକ ଆକାଶରେ ଉଡ଼ିଥିଲା। ଭୁବନେଶ୍ୱରରେ ଥିବା ସାଲିଆ ସାହି, ମାଳି ସାହି, ବାଣୀବିହାର ବସ୍ତି, ଆଚାର୍ଯ୍ୟ ବିହାର ବସ୍ତି ଓ ଭୀମପୁର ଭଳି ଅନେକ ବସ୍ତି ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଗୁରୁବାରଠାରୁ ବସ୍ତିବାସିନ୍ଦାଙ୍କୁ ବିଏମ୍‌ସି ପକ୍ଷରୁ ସେଲ୍‌ଟର ହୋମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତେଣୁ ବାତ୍ୟାରେ କାହାର ଜୀବନହାନୀ ହୋଇ ନ ଥିବା ସୂଚନା ମିଳିଛି।

## ଓଲଟାଇ ଦେଲା କାର୍, ବସ୍

ଫନୀର ପ୍ରକୋପ ଭୁବନେଶ୍ୱରରେ ଏଭଳି ଥିଲା ଯେ କେତେକ କାର୍, ବସ୍‌କୁ କିଛି ବାଟ ଠେଲି ନେଇ ଓଲଟାଇ ଦେଇଥିଲା। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସମେତ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଥିବା କେତେକ କାର୍ ପବନରେ କିଛି ଦୂର ଗଡ଼ି ଗଡ଼ି ଯାଇ ଓଲଟି ପଡ଼ିଥିଲା। ସେହିଭଳି ଏକ ଘରୋଇ ଇଞ୍ଜିନିୟରିଂ କଲେଜର ବସ୍ ଗଡ଼ି ଗଡ଼ି ଓଲଟି ପଡ଼ିଥିଲା। ଅଧିକାଂଶ ସ୍ଥାନରେ ବହୁ ଦୁଇଚକିଆ ଯାନ ଭାଙ୍ଗିରୁଜି ପଡ଼ିଥିବା ମଧ ଦେଖିବାକୁ ମିଳିଥିଲା।

## ସ୍ଥାନାନ୍ତରିତ ୮୫ହଜାର ଲୋକଙ୍କୁ ଦିଆଗଲା ରନ୍ଧା ଖାଦ୍ୟ

ପ୍ରଳୟଙ୍କରୀ 'ଫନୀ'ର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୧୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳକୁ ୮୫ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଅସ୍ଥାୟୀ ଆଶ୍ରୟସ୍ଥଳଗୁଡ଼ିକରେ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ଏଥିସହ ସେମାନଙ୍କ ଲାଗି ଆଲୋକ, ପିଇବା ପାଣି, ଖାଦ୍ୟ, ଶୌଚାଳୟ ବ୍ୟବସ୍ଥା କରାଯିବା ସହ ଡାକ୍ତରୀ ସୁବିଧା ଓ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇଥିଲା। ରାଜଧାନୀର ବିଭିନ୍ନ ଅଞ୍ଚଳରୁ ୬୯୧ ଜଣ ଗର୍ଭବତୀ ମହିଳାଙ୍କୁ ଭିନ୍ନ ଭିନ୍ନ ଆଶ୍ରୟସ୍ଥଳରେ ରଖାଯାଇ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରାଯାଇଥିଲା।

## କଣ୍ଟ୍ରୋଲ ରୁମ୍‌କୁ ୧୮୦ ଅଭିଯୋଗ

'ଫନୀ' ଲାଗି ମେ ୧ରୁ ବିଏମ୍‌ସି ମୁଖ୍ୟାଳୟରେ ଖୋଲାଯାଇଥିବା ମଲ୍ଟି ଏଜେନ୍ସି କଣ୍ଟ୍ରୋଲ ରୁମ୍‌ରେ ଶୁକ୍ରବାର ଅପରାହ୍ନ ସାଢେ ୫ଟା ସୁଦ୍ଧା ମୋଟ ୧୮୦ଟି ଅଭିଯୋଗ ଗ୍ରହଣ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସଂକ୍ରାନ୍ତ ୧୨୭ଟି ଅଭିଯୋଗ ଆସିଥିବାବେଳେ ମୁଖ୍ୟତଃ ଗଛ ପଡ଼ି ରାସ୍ତା ବନ୍ଦ ଓ ଘର କାନ୍ଥ ଭୁଶୁଡ଼ିବା ନେଇ ୯୫ଟି, ପ୍ରବଳ ବର୍ଷାରେ ଜଳବନ୍ଦୀ ହେବା ନେଇ ୧୦ରୁ ଉର୍ଦ୍ଧ୍ୱ ଅଭିଯୋଗ ଓ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟି ଉପୁଡ଼ି ପଡ଼ିବା ସଂକ୍ରାନ୍ତ ୧୯ଟି ଅଭିଯୋଗ ଆସିଥିବା ସୂଚନା ମିଳିଛି।

## ଜଳମଗ୍ନ ରାଜଧାନୀ

ଫନୀ ପ୍ରଭାବରେ ଭୁବନେଶ୍ୱରରେ ଗୁରୁବାର ରାତିରୁ ହାଲକା ପବନ ବହିବା ସହ ଲଗାଣ ବର୍ଷା ଆରମ୍ଭ ହୋଇଯାଇଥିଲା। ଫଳରେ ସହରର ପ୍ରମୁଖ ରାସ୍ତା ଉପରେ ପାଣି ଜମା ହୋଇ ଅନେକ ଯାନ ଫସି ରହିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି କଟକ ରୋଡ଼ରେ ବହୁ ଯାନବାହନ ପାଣିରେ ଫସିରହିଥିଲା। ସେହିପରି ଇସ୍କନ୍ ସମ୍ମୁଖ, ନୟାପଲ୍ଲୀ ବେହେରା ସାହି, ଇନ୍‌ଫୋସିଟି ଅଞ୍ଚଳର ବିଭିନ୍ନ ସ୍ଥାନ, ବାଣୀ ବିହାର କ୍ୟାମ୍ପସ ଓ ଆଖପାଖ ଅଞ୍ଚଳ, ଖଣ୍ଡଗିରିର ବିଭିନ୍ନ ଅଞ୍ଚଳ, ଓୟୁଏଟି ପଛପଟ, ସୌଭାଗ୍ୟ ନଗର ସମେତ ବହୁ ବସ୍ତି ଅଞ୍ଚଳରେ ପାଣି ଜମିଥିଲା। ତେବେ ଗତ ୩ଦିନ ହେବ ଜଳ ନିଷ୍କାସନ ଓ ଡ୍ରେନେଜ୍ ସଫେଇ ଉପରେ ବିଏମ୍‌ସି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ହେଲେ ଶୁକ୍ରବାର ଭୁବନେଶ୍ୱରର ବିଭିନ୍ନ ତଳିଆ ଅଞ୍ଚଳରେ ରହୁଥିବା ଲୋକେ ଜଳବନ୍ଦୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ ଟିମ୍ ଉଦ୍ଧାର କରିଥିଲେ। ବିଏମ୍‌ସି ପକ୍ଷରୁ ଜଳ ନିଷ୍କାସନ ଓ ଡ୍ରେନେଜ୍ ସଫେଇକୁ ଗୁରୁତ୍ୱ ଦିଆ ନ ଗଲେ ଭବିଷ୍ୟତରେ ଏହା ଏକ ବଡ଼ ସମସ୍ୟା ହୋଇ ଉଭା ହେବ ବୋଲି ଜଳବନ୍ଦୀ ଥିବା ଲୋକମାନେ ମତବ୍ୟକ୍ତ କରିଛନ୍ତି।

## ଆଉ ୧୯ ଟ୍ରେନ ବାତିଲ

ବାତ୍ୟା 'ଫନୀ'ର ପ୍ରଭାବକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ନିରାପତ୍ତା ଲାଗି ମେ' ୧ତାରିଖଠାରୁ ୪ତାରିଖ ଯାଏ ୧୫୭ଟି ଟ୍ରେନ ବାତିଲ କରାଯାଇଥିଲା। ମାତ୍ର ରାଜ୍ୟରେ ବାତ୍ୟାଜନିତ ସଙ୍ଗିନ ସ୍ଥିତି ଯୋଗୁ ଆଉ ୧୯ଟି ଟ୍ରେନ ବାତିଲ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ୩ତାରିଖରେ ୪ଟି, ୪ତାରିଖରେ ୮ଟି, ୫ତାରିଖରେ ୪ଟି, ୬ତାରିଖରେ ୨ଟି ଏବଂ ୭ତାରିଖରେ ଗୋଟିଏ ଟ୍ରେନ ବାତିଲ ଘୋଷଣା କରାଯାଇଛି। ଟ୍ରେନଗୁଡ଼ିକ ଭଦ୍ରକ-ବିଜୟନଗରମ ରେଳ ସେକ୍ସନର ହାଓଡ଼ା-ଚେନ୍ନାଇ ମେନ୍ ଲାଇନ ଏବଂ ଆଉ କେତେକ ଭୁବନେଶ୍ୱର ଓ ପୁରୀଠାରୁ ବାହାରିବାର ଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବତଟ ରେଳ ପରିସୀମା ଦେଇ ଯାଉଥିବା ଏବଂ ଆରମ୍ଭ ହେଉଥିବା ମୋଟ ୧୬୯ଟି ଏକ୍ସପ୍ରେସ ଏବଂ ମେଲ୍ ଟ୍ରେନ ବାତିଲ କରାଯାଇଛି। ସେହିଭଳି ୯ଟି ଏକ୍ସପ୍ରେସ ଟ୍ରେନର ଗତିପଥ ବଦଳାଯାଇଛି। ୭ଟି ଟ୍ରେନ ଆଂଶିକ ବାତିଲ ରହିଛି। ୯୧ଟି ଲୋକାଲ ପାସେଞ୍ଜର, ମେମୁ, ଇଏମ୍‌ୟୁ ଏବଂ ଡେମୋ ଟ୍ରେନ ବାତିଲ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ସେହିଭଳି ରେଳୱେ ପକ୍ଷରୁ ଦୁଇଟି ନିଶୁଳ୍କ ହେଲ୍‌ପ ଲାଇନ ନମ୍ବର ଜାରି କରାଯାଇଛି। ସେଗୁଡିକ ହେଲା ୧୮୦୦-୩୪୫୭-୭୪୦୧ ଏବଂ ୧୮୦୦-୩୪୫୭-୭୪୦୨।

## ଉଦ୍ଧାର କାର୍ଯ୍ୟରେ ୧୦୦ ଏନ୍‌ଡିଆର୍‌ଏଫ୍, ୧୨୦ ଅଗ୍ନିଶମ କର୍ମଚାରୀ

ଫନୀ ମୁକାବିଲା ଲାଗି ୧୦୦ ଜଣ ନ୍ୟାଶ୍‌ନାଲ ଡିଜାଷ୍ଟର ରାପିଡ ଫୋର୍ସ(ଏନ୍‌ଡିଆର୍‌ଏଫ) କର୍ମଚାରୀଙ୍କୁ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ ବାରାକ୍ ଏବଂ ବିଏମ୍‌ସି ଯାତ୍ରୀ ନିବାସରେ ପ୍ରସ୍ତୁତ କରି ରଖାଯାଇଥିଲା। ସେହିପରି ୧୨୦ଜଣ ଅଗ୍ନିଶମ ବିଭାଗ କର୍ମଚାରୀ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହି ଭିନ୍ନ ସ୍ଥାନରେ ସେବା ଯୋଗାଇ ଦେଇଥିଲେ।



ସତ୍‌ସଙ୍ଗ ବିହାର





କ୍ଷତିଗ୍ରସ୍ତ ହୋଇଥିବା ସଚିବାଳୟ ନାମଫଳକ

## ଭୁବନେଶ୍ୱର



ଶହୀଦ ନଗର ରାସ୍ତାପାର୍ଶ୍ୱରେ ଥିବା ଏକ କାର୍ ଉପରେ ଗଛ ଭାଙ୍ଗି ପଡ଼ିଛି।



ନ ତାଲା ନିକଟ ରାସ୍ତା ଉପରେ ପଡ଼ିଥିବା ବିଦ୍ୟୁତ ଖୁଣ୍ଟ।



ଶହୀଦ ନଗର



ଏଜି ଛକ



ସତ୍ୟନଗରସ୍ଥିତ ଓଡ଼ିଶା କୃଷି ଯନ୍ତ୍ରପାତି ଗବେଷଣା ଓ ଉନ୍ନୟନ କେନ୍ଦ୍ର ସମ୍ମୁଖ ରାସ୍ତା



ରୁପାଲି ଛକ



ଗଭର୍ନର ହାଉସ ଛକ ନିକଟ ପିଡବ୍ଲ୍ୟୁଡି ହୋର୍ଡିଂ ଭାଙ୍ଗି ରାସ୍ତାରେ ପଡ଼ିଛି।



ଭୁବନେଶ୍ୱର ୟୁନିଟ୍-୩ ବିଗ୍‌ବଜାର ଛକ ନିକଟ ଇଲେକ୍ଟ୍ରି ଖୁଣ୍ଟି ଭାଙ୍ଗି ରାସ୍ତାରେ ପଡ଼ିଛି।

# ଫନୀ ତାଣ୍ଡବ

## କଟକ



ଶିଶୁଭବନ ସମ୍ମୁଖ



ରାଜାବଗିଚା ହାଇସ୍କୁଲରେ ଆଶ୍ରୟ ନେଇଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।



କ୍ଷତିଗ୍ରସ୍ତ ହୋଇଥିବା ହାଇକୋର୍ଟ କୋଠାର ତ୍ରିରଙ୍ଗା।



ବିଡ଼ାନାସୀ ଛକ




ଶିଶୁଭବନ ପରିସରରେ ଏକ କାର୍ ଉପରେ ପଡ଼ିଯାଇଥିବା ଗଛ।



ରିଂବନ୍ଧ ରାସ୍ତା



ତୁଳସୀପୁର



ସତୀଚୌରା ରିଂବନ୍ଧ ରାସ୍ତା




ହାଇକୋର୍ଟ ସମ୍ମୁଖ ରାସ୍ତା



ଶିଶୁଭବନ ପରିସର



ତୁଳସୀପୁରରେ ଏକ କାର୍ ଉପରେ ଭାଙ୍ଗିପଡ଼ିଥିବା ପାଚେରି।

(ଫଟୋ: କଟକରୁ ରାଜକିଶୋର ମହାନ୍ତି, ଭୁବନେଶ୍ୱରରୁ ବିକାଶ ନାୟକ, ମନୋରଞ୍ଜନ ମିଶ୍ର ଓ ମୌସମ ନନ୍ଦ)


ମାଡ଼ି ଆସିଲା ସମୁଦ୍ର ଜୁଆର

# ପୁରୀରେ ପ୍ରଳୟ

**ପୁରୀ ଅଫିସ, ୩।୫**

- କାନ୍ଥ ପଡ଼ି ବୃଦ୍ଧା ମୃତ
- ଓଲଟିଲା ବସ୍, ହେଲ୍ପର ଗୁରୁତର
- ଭାଙ୍ଗିଲା ଶତାଧିକ ଘର, ଗଛ
- ଭାସିଗଲା ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା

ସତ ହେଲା ପାଣିପାଗ ବିଭାଗର ପୂର୍ବାନୁମାନ। ପୁରୀରେ ପବନର ବେଗ ବଢ଼ି ସକାଳ ସାଢ଼େ ୮ଟା ବେଳକୁ ପ୍ରଚଣ୍ଡ ରୂପ ଧାରଣା କରି ସ୍ଥଳ ଭାଗ ଛୁଇଁ ପ୍ରଳୟ ରଚିଥିଲା ବାତ୍ୟା ଫନୀ। ପ୍ରବଳ ବର୍ଷା ସାଙ୍ଗକୁ ବଡ ବଡ ସମୁଦ୍ର ଜୁଆର ମାଡି ଆସିଥିଲା। ୧୭୦ରୁ ୧୮୦ କିମି ବେଗରେ ପବନ ବହିଥିଲା। ଫନୀର କରାଳ ଗ୍ରାସରେ ଶତାଧିକ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ବଡ଼ ବଡ଼ ଗଛ ଧରାଶାୟୀ ହୋଇଛି। ଏକାଧିକ କଚ୍ଚା ଘର ମାଟିରେ ମିଶିଛି। ଅନେକ ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି। ବିଭିନ୍ନ ସାହିଗଳି ରାସ୍ତାରେ ବହୁସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ସମୁଦ୍ର ଜୁଆର ପ୍ରାୟ ୧୦୦ ମିଟର ଆଗକୁ ମାଡ଼ି ଆସିଛି। ଫନୀ ଗର୍ଜନ ସମଗ୍ର ପୁରୀ ଜିଲାକୁ ଗ୍ରାସ କରିଥିଲା। ପ୍ରାୟ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରବଳ ବର୍ଷା ସାଙ୍ଗକୁ ଛାତି ଥରାଇ ଦେଲାଭଳି ପବନ ବହିଥିଲା। ତେବେ କ୍ଷୟକ୍ଷତି କ'ଣ ହୋଇଛି ତାହା ସ୍ପଷ୍ଟ ହୋଇ ପାରି ନ ଥିବାବେଳେ ଜଣେ ବୃଦ୍ଧାଙ୍କ ଜୀବନ ଯାଇଥିବା ସୂଚନା ମିଳିଛି ।

ଗୁରୁବାରଠାରୁ ବର୍ଷା ପବନ ଲାଗି ରହିଥିବାବେଳେ ଶୁକ୍ରବାର ଭୋରରୁ ଏହାର ପ୍ରକୋପ ବଢ଼ିଥିଲା। ଫନୀ ସ୍ଥଳ ଭାଗ ଛୁଇଁବା ଆରମ୍ଭ କରିବା ମାତ୍ରେ ସ୍ଥିତି ସମ୍ପୂର୍ଣ୍ଣ ଅସମ୍ଭାଳ ହୋଇପଡିଥିଲା। କେଉଁଠି ଗଛ ଉପୁଡ଼ି ପଡିଥିଲା ତ ପୁଣି କେଉଁଠି ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ କରିଥିଲା। ସମୁଦ୍ରକୁ ଚାହିଁଲେ ଫନୀର ଭୟଙ୍କର ରୂପ ଜଣା ପଡି ଯାଉଥିଲା। ପ୍ରାୟ ୫ ଫୁଟର ଉଚ୍ଚ ଜୁଆର ଆସି କୂଳରେ ମାଡ଼ ହେଉଥିଲା। ସମୁଦ୍ର ଅଶାନ୍ତ ଥିବାରୁ ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ଜୁଆର ଆସି ଯାଇଥିଲା। ସ୍ୱର୍ଗଦ୍ୱାର ସମ୍ମୁଖ ରାସ୍ତାକଡ଼ରେ ମାଡ଼ ହୋଇଥିଲା ସମୁଦ୍ର ଜୁଆର। ବେଳାଭୂମି ରାସ୍ତାରେ ବାଲି ମାଡ଼ି ଯାଇଥିଲା। ବିଭିନ୍ନ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡିଥିବା ବେଳେ ଶହ ଶହ ସଂଖ୍ୟାରେ ଗଛ ଭାଙ୍ଗି ପଡିଛି। ପୁରୀକୁ ସଂଯୋଗ କରୁଥିବା ପୁରୀ-କୋଣାର୍କ, ପୁରୀ-ସାତପଡ଼ା ଓ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବହୁ ସ୍ଥାନରେ ଗଛ ଭାଙ୍ଗି ପଡିଛି। ଏଥିଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ବିଭିନ୍ନ ସରକାରୀ ଅଫିସ, ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟର ପାଚେରି ମଧ୍ୟ ଭାଙ୍ଗି ପଡିଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଆୟୁର୍ବେଦ ମହାବିଦ୍ୟାଳୟ, ଏସ୍‌ସିଏସ୍ କଲେଜ, ପେଣ୍ଠକଟାସ୍ଥିତ ସରକାରୀ ଆଇଟିଆଇ, ଡିଏଭି ପବ୍ଲିକ ସ୍କୁଲ, ସରକାରୀ ମହିଳା ମହାବିଦ୍ୟାଳୟ, ବନ ବିଭାଗର ବନାନୀ, ଯକ୍ଷ୍ମା ଚିକିତ୍ସାଳୟ ସମେତ କେତେକ ହୋଟେଲ ଏବଂ ଘରୋଇ ଲୋକଙ୍କ ପାଚେରି ମଧ୍ୟ ଭାଙ୍ଗିଛି। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଥିବା ଟ୍ରାଫିକ ପୋଷ୍ଟ ଓଲଟି ପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ ଫଳକ ଭାଙ୍ଗି ପଡିଥିଲା। ସନ୍ଧ୍ୟାରେ ଅଗ୍ନିଶମ କର୍ମଚାରୀ ଏହାକୁ କଟର ସାହାଯ୍ୟରେ କାଟି ପ୍ରବେଶ ପଥ ସଫା କରିଥିଲେ। ସେହିପରି ମେଡିକାଲ ପରିସରରେ ଥିବା ଗଛ ଭାଙ୍ଗି ପଡିଥିବାରୁ ଯାତାୟାତ କରିବାରେ ଅସୁବିଧା ହେଉଛି। ପେଣ୍ଠକଟା ବସ୍ତିରେ ରହୁଥିବା ମତ୍ସ୍ୟଜୀବୀଙ୍କ ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା ସମୁଦ୍ର ମଧ୍ୟକୁ ଭାସି ଯାଇଛି। ବାତ୍ୟା ଖବର ଶୁଣିବା ପରେ ମତ୍ସ୍ୟଜୀବୀମାନେ ଡଙ୍ଗାଗୁଡ଼ିକୁ କୂଳକୁ ଉଠାଇ ଆଣିଥିଲେ। ହେଲେ ଉଚ୍ଚ ଜୁଆର ମାଡି ଆସିବାରୁ ଡଙ୍ଗାଗୁଡ଼ିକ ସମୁଦ୍ର ମଧ୍ୟକୁ ଭସାଇ ନେଇଛି। ସିଟି ରୋଡସ୍ଥିତ ଚାଣକ୍ୟ ହୋଟେଲ ନିକଟରେ ରାସ୍ତାକଡ଼ରେ ରହିଥିବା ଏକ ଘରୋଇ ବସ୍ ଓଲଟି ପଡିଛି। ଫଳରେ ବସ୍‌ର ହେଲ୍‌ପର ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଅପରାହ୍ନରେ ଦେବୀଘାଟ ଭୋଇ ବସ୍ତିରେ ଜଣେ ବୃଦ୍ଧା ରାସ୍ତାରେ ପଡିଥିବା ପଇଡ଼ ଗୋଟାଉଥିବା ବେଳେ ନିକଟରେ ଥିବା ଏକ ପୁରୁଣା କାନ୍ଥ ପଡ଼ିଯିବାରୁ ସେ ଚାପି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରାଯିବା ବେଳକୁ ତାଙ୍କ ଜୀବନ ଚାଲି ଯାଇଥିଲା। ବର୍ଷା ପାଣି ସହ ଡ୍ରେନ୍ ପାଣି ମିଶି ବଡଦାଣ୍ଡର ପରିସ୍ଥିତି ସଙ୍ଗିନ ହୋଇଛି। ମେଡିକାଲ ଛକ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ପାର୍ଶ୍ୱ ଅଞ୍ଚଳରେ ଦୀର୍ଘ ସମୟ ଧରି ଜଳ ନିଷ୍କାସିତ ହୋଇପାରି ନ ଥିଲା। କେବଳ ବଡଦାଣ୍ଡ ନୁହେଁ, ସହରର ପ୍ରାୟ ଅଧିକାଂଶ ରାସ୍ତାର ସ୍ଥିତି ବିଗିଡ଼ି ଯାଇଛି। ପ୍ରମୁଖ ସ୍ଥାନ ଭିଆଇପି ରୋଡର ରିଜର୍ଭ ଗ୍ରାଉଣ୍ଡ, ଷ୍ଟେଟ ବ୍ୟାଙ୍କ ଛକ, ବେଳାଭୂମି ମାର୍ଗର ରେଣୁକା ଗଳି ଛକ, ଲାଇଟ୍ ହାଉସ ପାଖରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ଏପଟେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବିଦ୍ୟୁତ୍, ଟେଲିଫୋନ ସେବା ବ୍ୟାହତ ହୋଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କୁହନ୍ତି, ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତିର ଖବର ହସ୍ତଗତ ହୋଇନାହିଁ। ପ୍ରାଥମିକ ପର୍ଯ୍ୟାୟରେ ଗମନାଗମନ ସୁବିଧା ଲାଗି ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସରବରାହ ପାଇଁ ଚେଷ୍ଟା କରାଯିବ। ବାତ୍ୟା ଆଶ୍ରୟସ୍ଥଳରେ ରହୁଥିବା ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ବ୍ୟବସ୍ଥା କରାଯାଇଛି।


ପୁରୀରେ ବାତ୍ୟା ସମୟର ଦୃଶ୍ୟ


ବଡ଼ଦାଣ୍ଡ


ଛାରଖାର ପେଣ୍ଠକଟା ବସ୍ତି


ପେଣ୍ଠକଟା: କ୍ଷତିଗ୍ରସ୍ତ ଡଙ୍ଗା

ଫଟୋ: ଅନିଲ ସାହୁ, ଯଜ୍ଞେଶ୍ୱର ମହାନ୍ତି


ପେଣ୍ଠକଟା ପେଟ୍ରୋଲ ପମ୍ପ


ସିଟି ରୋଡ୍


ସିଟି ରୋଡ୍

## ଭାଙ୍ଗିଲା ଜୟ ମୂର୍ତ୍ତି

ଶ୍ରୀମନ୍ଦିର ସିଂହଦ୍ୱାର ଦୁଇପାର୍ଶ୍ୱରେ ରହିଛନ୍ତି ଜୟ ବିଜୟ ମୂର୍ତ୍ତି। ବାତ୍ୟା ପ୍ରଭାବରେ ମୂର୍ତ୍ତି ମଧ୍ୟରୁ ବାମପାର୍ଶ୍ୱରେ ଥିବା ଜୟ ମୂର୍ତ୍ତି ଭାଙ୍ଗି ଚୂରମାର ହୋଇ ତଳେ ପଡିଯାଇଛି। ସେହିପରି ବିଜୟ ମୂର୍ତ୍ତିରେ ମଧ୍ୟ ସାମାନ୍ୟ କ୍ଷତି ହୋଇଛି। ଦୀର୍ଘଦିନ ଧରି ଜୟବିଜୟ ମୂର୍ତ୍ତି କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏହା ମରାମତି କରାଯାଉ ନ ଥିଲା। ଫଳରେ ଜୟ ମୂର୍ତ୍ତି ଭାଙ୍ଗିଯାଇଛି ।

## ଉଜୁଡ଼ିଗଲା ବସ୍ତି

ପୁରୀ ସହରରେ ଥିବା ବସ୍ତିଗୁଡ଼ିକ ବାତ୍ୟା ଫନୀ ପ୍ରଭାବରେ ଉଜୁଡ଼ି ଯାଇଛି। ବିଶେଷକରି ପେଣ୍ଠକଟା ନୋଳିଆବସ୍ତି, ସଦାଶିବ କ୍ୟାମ୍ପସ ପାଖ ବସ୍ତି, ରାମଚଣ୍ଡୀ ବାଲିକୁଦ ବସ୍ତି, ବଳିଆପଣ୍ଡା ବସ୍ତିର ଅବସ୍ଥା ଶୋଚନୀୟ ହୋଇପଡିଛି। ଗୁରୁବାରଠାରୁ ଘର ଛାଡି ବାତ୍ୟା ଆଶ୍ରୟସ୍ଥଳ ଏବଂ ବିଭିନ୍ନ ସ୍କୁଲରେ ବସ୍ତିବାସିନ୍ଦା ଆଶ୍ରୟ ନେଇଥିବା ବେଳେ ଶୁକ୍ରବାର ଫନୀ ଅଧିକାଂଶଙ୍କ ଘର ଭାଙ୍ଗି ଦେଇଛି। ଅନେକ ଲୋକଙ୍କ କଚ୍ଚା ଘର ମାଟିରେ ମିଶିଥିବା ବେଳେ ଆଉ କେତେକଙ୍କ ଛପର ଉଡ଼ାଇ ନେଇଛି। ଫଳରେ ସେମାନଙ୍କ ଆସବାବପତ୍ର ସବୁ ବର୍ଷାରେ ଭିଜିଛି।

## ଖାଁ ଖାଁ ଶ୍ରୀମନ୍ଦିର, ଭାଙ୍ଗିଲା କଳ୍ପବଟ

ପ୍ରତ୍ୟେହ ଭକ୍ତଙ୍କ ଗହଳିରେ ପୂରି ଉଠୁଥିବା ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ନ ଥିଲା କୋଳାହଳ। ସେବାୟତ କିମ୍ବା ପ୍ରଶାସନିକ ଅଧିକାରୀ କାହାରିଠାରେ ଦେଖିବାକୁ ମିଳି ନ ଥିଲା ଚଞ୍ଚଳତା। ଖାଁ ଖାଁ ଲାଗୁଥିଲା ମନ୍ଦିର ପରିସର। ବାତ୍ୟା ଫନୀ ପ୍ରଭାବ ଦେଖିବାକୁ ମିଳିଥିଲା ଶ୍ରୀମନ୍ଦିରରେ। ପୁରୀରେ ଫନୀ ସ୍ଥଳଭାଗ ଛୁଉଁଥିବା ଏବଂ ଏହି ସମୟରେ ଯାତ୍ରୀ ପର୍ଯ୍ୟଟକଙ୍କୁ ପୁରୀ ଆସିବାକୁ ବାରଣ କରାଯାଇଥିବାରୁ ଶ୍ରୀମନ୍ଦିରରେ ଏଭଳି ଚିତ୍ର ଦେଖିବାକୁ ମିଳିଥିଲା। ସେବାୟତମାନେ ଯଥାରୀତି ମହାପ୍ରଭୁଙ୍କ ରୀତିନୀତିରେ ସେବାପୂଜା କରିଥିଲେ। ଅପରପକ୍ଷେ ଫନୀ ପ୍ରଭାବରେ ଶ୍ରୀମନ୍ଦିର ପରିସରରେ ଥିବା କଳ୍ପବଟ ସାଙ୍ଗକୁ ବହୁ ଗଛ, ଦକ୍ଷିଣ ଦ୍ୱାର ଏବଂ ପଶ୍ଚିମ ଦ୍ୱାର ନିକଟରେ ଥିବା ବଡ଼ ବଡ଼ ଗଛ ମଧ୍ୟ ଭାଙ୍ଗି ପଡିଛି। ଶ୍ରୀମନ୍ଦିର ମରାମତି ପାଇଁ ବନ୍ଧା ଯାଇଥିବା ଲୁହାଭାରାକୁ ମଧ୍ୟ ପବନ ମୋଡ଼ି ଭାଙ୍ଗି ପକାଇଛି। ଦକ୍ଷିଣ ଦ୍ୱାର ନିକଟରେ ଥିବା ଶୌଚାଳୟ କାନ୍ଥ ମଧ୍ୟ ଭୁଶୁଡି ପଡିଛି।

## ଭାଙ୍ଗିଲା ରଥଖଳା ଶେଡ୍

ଆସନ୍ତା ୭ ତାରିଖରେ ଅକ୍ଷୟତୃତୀୟା। ସେହିଦିନ ରଥ ନିର୍ମାଣ ଅନୁକୂଳ ହେବ। ଏଥିପାଇଁ ଶ୍ରୀନଅର ସମ୍ମୁଖରେ ରଥଖଳା ଲାଗି ଶେଡ୍ ନିର୍ମାଣ ଆରମ୍ଭ ହୋଇଥିଲା। ରେଲିଂ ଏବଂ ବାଉଁଶ ବନ୍ଧା ଯାଇଥିଲା। ହେଲେ ଶୁକ୍ରବାର ଫନୀ ଯୋଗୁ ଶେଡ ଭାଙ୍ଗି ପଡିଛି।



## ରେଳ ଷ୍ଟେଶନ କ୍ଷତିଗ୍ରସ୍ତ

ପୁରୀ ରେଳ ଷ୍ଟେଶନ ଫନୀ ପ୍ରଭାବରୁ ବାଦ୍ ପଡିନି। ପ୍ଲାଟଫର୍ମ ଛାରଖାର ହୋଇଯାଇଛି। ଷ୍ଟେଶନ ଟିଣ ଛପର ସବୁ ଉଡି ଯାଇଛି।


ଉଜୁଡ଼ିଯାଇଥିବା ନୋଳିଆ ବସ୍ତି


ଶ୍ରୀମନ୍ଦିର


ଖଣ୍ଡିଆ ବନ୍ଧ


ବଡ଼ଦାଣ୍ଡ ରଥଖଳା


ପୁରୀ ସିଟି ରୋଡ୍

# ପାର୍ଶ୍ୱପ୍ରବେଶ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପାର୍ଶ୍ୱପ୍ରବେଶ ବା ଅଣବାବୁଙ୍କୁ ବାବୁମାନଙ୍କ ପାଇଁ ପାରମ୍ପରିକଭାବେ ଉଦ୍ଦିଷ୍ଟ ଚାକିରିରେ ନିଯୁକ୍ତି ଦେବା ପ୍ରକ୍ରିୟା ଏବେ ବାସ୍ତବ ରୂପ ନେଇଛି। କେନ୍ଦ୍ର ସରକାର ଚୁକ୍ତିଭିତ୍ତିରେ ନଅଜଣ ଘରୋଇ କ୍ଷେତ୍ରର ବିଶେଷଜ୍ଞଙ୍କୁ ଯୁଗ୍ମସଚିବ ପାହ୍ୟାରେ ନିଯୁକ୍ତି ଦେବା ଲାଗି ଚୟନ କରିଛନ୍ତି। କିନ୍ତୁ ଏହି ବାବୁମାନଙ୍କୁ ନିର୍ବାଚନ କମିଶନଙ୍କଠାରୁ କ୍ଲିୟରାନ୍ସ ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଦେଶରେ ସାଧାରଣ ନିର୍ବାଚନ ଚାଲିଥିବାରୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏଥିରେ କୌଣସି ପ୍ରକାର ଅଯଥା ମୁଣ୍ଡ ଗଳାଇବାକୁ ଚାହୁଁନାହିଁ।

ମନୋନୀତ ହୋଇଥିବା ପ୍ରାର୍ଥୀମାନେ ହେଉଛନ୍ତି: ଅମ୍ବର ଦୁବେ (ବେସାମରିକ ବିମାନ ଚଳାଚଳ ବିଭାଗ ପାଇଁ), ଅରୁଣ ଗୋୟେଲ (ବାଣିଜ୍ୟ), ରାଜୀବ ସାକ୍ସେନା (ଅର୍ଥନୈତିକ ବ୍ୟାପାର), ସୁଜିତ କୁମାର ବାଜପେୟୀ (ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ), ସୌରଭ ମିଶ୍ର (ଅର୍ଥସେବା), ଏବଂ ଦିନେଶ ଦୟାନନ୍ଦ ଜଗଦଲେ (ନୂତନ ଓ ନବୀକରଣଯୋଗ୍ୟ ଶକ୍ତି)। ସୁମନ ପ୍ରସାଦ ସିଂଙ୍କୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ, ଭୂଷଣ କୁମାରଙ୍କୁ ଜଳପଥ ପରିବହନ ଓ କାକଳି ଘୋଷଙ୍କୁ କୃଷି, ସହଯୋଗ ଓ କୃଷକ କଲ୍ୟାଣ ବିଭାଗର ଯୁଗ୍ମସଚିବ ଭାବେ ନିଯୁକ୍ତି ଦେବା ଲାଗି ମନୋନୀତ କରାଯାଇଛି। ନବନିଯୁକ୍ତ ଯୁଗ୍ମ ସଚିବମାନଙ୍କ ମଧ୍ୟରେ ଆଇଆଇଟି, ଆଇଆଇଏମ୍ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅଛନ୍ତି, ଯେଉଁମାନେ ଜାତିସଂଘ ତଥା ଖ୍ୟାତନାମା ବହୁରାଷ୍ଟ୍ରୀୟ ଆର୍ଥିକ ସଂସ୍ଥାରେ କାର୍ଯ୍ୟ କରିଛନ୍ତି। ସାକ୍ସେନା ହେଉଛନ୍ତି ଜଣେ ପୂର୍ବତନ ବ୍ୟାଙ୍କର ଯେ କି ସାର୍କ ଡେଭ୍‌ଲପମେଣ୍ଟ ଫଣ୍ଡରେ କାର୍ଯ୍ୟ କରିଥିଲେ। ସେହିପରି ଆଇଆଇଟି-ଆଇଆଇଏମ୍ ଡିଗ୍ରୀଧାରୀ ଦୁବେ ହେଉଛନ୍ତି କେପିଏମ୍‌ଜିର ଅଂଶୀଦାର ଏବଂ ଘୋଷ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ ଡକ୍ଟରେଟ୍ କରିଛନ୍ତି। ପାର୍ଶ୍ୱପ୍ରବେଶ ହେଉଛି ଘରୋଇ କ୍ଷେତ୍ରରୁ ବିଭିନ୍ନ ବିଷୟର ବିଶାରଦମାନଙ୍କୁ ଆଣି ଅମଲାତନ୍ତ୍ରରେ ସଦ୍ୟ ମେଧାବୀଙ୍କ ସଂଖ୍ୟା ବୃଦ୍ଧିକରିବା ଲାଗି ମୋଦି ସରକାରଙ୍କ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ସାଧାରଣତଃ ଯୁଗ୍ମସଚିବ ସ୍ତରରେ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଓଏସ୍‌ମାନେ ନିଯୁକ୍ତି ପାଇଥାନ୍ତି ଏବଂ ସେମାନଙ୍କୁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ଏକ ତିନିଥାକିଆ ପଦ୍ଧତିରେ ଚୟନ କରାଯାଇଥାଏ। ତେବେ ଗତ ଜୁନ୍‌ମାସରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପାର୍ଶ୍ୱପ୍ରବେଶ ମାଧ୍ୟମରେ ୧୦ଟି ଯୁଗ୍ମସଚିବ ପାହ୍ୟା ପଦବୀରେ ଘରୋଇ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ଲାଗି ଦରଖାସ୍ତ ଆହ୍ୱାନ କରିଥିଲେ।

ଉକ୍ତ ପଦବୀଗୁଡ଼ିକ ପାଇଁ ପ୍ରାୟ ୬୦୦୦ ପ୍ରାର୍ଥୀ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨ ପ୍ରତିଶତ ସାକ୍ଷାତ୍‌କାର ସ୍ତର ଲାଗି ଯୋଗ୍ୟ ବିବେଚିତ ହୋଇଥିଲେ। କିନ୍ତୁ ନିଜ କ୍ଷେତ୍ରାଧିକାର ହରାଇବା ଭୟରେ ଆତଙ୍କିତ ବାବୁମାନଙ୍କ ପ୍ରବଳ ବିରୋଧ ଯୋଗୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଘରୋଇ କ୍ଷେତ୍ରର ବିଶେଷଜ୍ଞମାନେ ନିଯୁକ୍ତି ପାଇଲେ ପ୍ରଶାସନିକ କ୍ଷେତ୍ରରେ ବାବୁମାନଙ୍କର ପ୍ରାଧାନ୍ୟ ଲୋପ ପାଇବାର ଆଶଙ୍କା ସେମାନଙ୍କୁ ଘାରିଥିଲା।

ଉକ୍ତ ନିଯୁକ୍ତି ଲାଗି ଘୋଷଣା ପ୍ରକାଶ ପାଇବା ପରେ ଅନେକଙ୍କ ପାଟି ଖଲ ଖଲ ହେଉଥିବାର ଦେଖାଯାଉଛି। ପ୍ରଶାସନିକ ବାବୁମାନେ 'ସ୍ୱାର୍ଥଦ୍ୱନ୍ଦ୍ୱ' (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। କାରଣ ଏହି ନବନିଯୁକ୍ତ ବାବୁମାନେ ଯେତେବେଳେ ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ, ସେତେବେଳେ କମ୍ପାନୀର କୌଣସି କାର୍ଯ୍ୟହାସଲ ପାଇଁ ସରକାରୀ ବାବୁମାନଙ୍କ ସହ ଯୋଗାଯୋଗ କରୁଥିଲେ। ଦ୍ୱିତୀୟ ସମସ୍ୟା ହେଉଛି ଏହି ନିଯୁକ୍ତି ଦ୍ୱାରା ପ୍ରଶାସନରେ ପ୍ରଚଳିତ ଉପରତଳ ପାହ୍ୟାର ସୁସଂଜ୍ଞାକୃତ କ୍ରମ ଉପରେ ପ୍ରଭାବ ପଡ଼ିବ। କାରଣ ଏପରି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଲାଗି ଅନେକ ନବନିଯୁକ୍ତ ବାବୁଙ୍କୁ ଅତ୍ୟନ୍ତ କନିଷ୍ଠ ବୋଲି ବିଚାର କରାଯାଉଛି।

ଏହା ସ୍ପଷ୍ଟ ଯେ, ଏହି ନବନିଯୁକ୍ତମାନେ 'ଏଲିଟ୍' କ୍ଲବ୍‌ରେ ଯୋଗ ଦେଇସାରିଛନ୍ତି। ତଥାପି ବୃତ୍ତିଗତ ବିଶେଷଜ୍ଞତ୍ୱ ସତ୍ତ୍ୱେ ସେମାନଙ୍କୁ ନୂତନ କାର୍ଯ୍ୟ ଲାଗି ନବପ୍ରେରଣା ଅର୍ଜନ କରିବାକୁ ପଡ଼ିବ। ତେବେ ସରକାରଙ୍କର ଏହି ପର୍ଶ୍ୱପ୍ରବେଶ ପଦକ୍ଷେପକୁ ନୀତି ଆୟୋଗ ଦୃଢ଼ଭାବରେ ସମର୍ଥନ କରୁଛି। ତା' ସତ୍ତ୍ୱେ ବାବୁମାନଙ୍କ ବିରୋଧକୁ ଏଡ଼ାଇବା ଲାଗି ସରକାର ଏ ଦିଗରେ ମନ୍ଥର ଗତିରେ ଅଗ୍ରଗତି କରୁଥିଲେ। ତେବେ ନିର୍ବାଚନ ମଝିରେ ଏ ଘୋଷଣାନାମାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବ୍ୟାପକଭାବେ ବିଶ୍ୱାସ କରାଯାଉଥିଲା ଯେ, ନିର୍ବାଚନ ପ୍ରକ୍ରିୟା ଜୋରସୋରରେ ଚାଲୁଥିବାରୁ ଏ ନିଯୁକ୍ତି ଦିଗରେ ଯେକୌଣସି ପ୍ରକାର ଅଗ୍ରଗତି ଲାଗି ନୂତନ ସରକାର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ନିର୍ବାଚନ ମଝିରେ ଏ ଘୋଷଣାନାମାକୁ ଦେଖି ଅନେକେ ଭାବୁଛନ୍ତି ଯେ ମୋଦି ସରକାର ପୁନର୍ବାର କ୍ଷମତାକୁ ଆସିବା ଲାଗି ବୋଧହୁଏ ଦୃଢ଼ନିଶ୍ଚିତ ଅଛନ୍ତି।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | 5 | | | | | | D | 9 | 6 | | | E | A |
| | | 9 | | | | | 1 | | | | A | C | 6 | 7 |
| | | E | | C | | 4 | | | 3 | | | | | |
| | 0 | | | 9 | | | 8 | | E | | B | | 2 | |
| | | | | | 7 | 5 | | | | | | | | |
| | | | 5 | | C | | | | 4 | | 7 | | | |
| 1 | 4 | A | E | | | 0 | | | 5 | | | | | |
| | | | | 6 | | | | | | | D | | 8 | 5 |
| B | | | | | 1 | 9 | | | | | | A | C | 2 |
| | | | | B | 0 | E | D | C | | | | | | 4 |
| | 7 | 6 | | | | | | | | B | | | | |
| 5 | | 8 | B | 2 | | | | | | | E | 3 | 0 | |
| | 3 | 1 | | | | | | 4 | | | | | A | C |
| | 9 | | 6 | 0 | | 8 | 2 | | 7 | C | | | | |
| A | E | | 9 | 4 | | D | | 0 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 9 | 0 | 2 | 1 | C | 7 | 3 | 4 | 8 | D | E | B | A |
| 7 | C | 0 | A | E | D | 9 | 6 | 5 | 2 | 1 | B | 8 | 4 | 3 |
| 3 | E | 1 | 5 | 8 | C | 4 | B | D | 9 | 0 | A | 6 | 7 | 2 |
| A | 8 | 4 | B | 7 | 6 | 2 | E | 0 | 5 | 3 | C | D | 9 | 1 |
| 2 | B | D | 4 | 9 | 3 | A | 1 | 8 | 7 | 6 | E | C | 5 | 0 |
| 6 | 5 | 2 | E | 0 | A | 3 | D | C | 8 | 9 | 4 | B | 1 | 7 |
| B | D | A | 2 | 4 | 8 | E | 9 | 6 | C | 7 | 1 | 0 | 3 | 5 |
| 1 | 4 | 8 | 3 | D | 9 | 7 | 5 | A | E | B | 0 | 2 | C | 6 |
| E | 9 | 3 | 7 | C | 5 | B | 0 | 1 | 6 | A | 2 | 4 | D | 8 |
| C | 0 | 7 | 6 | 1 | B | 8 | 2 | 4 | 3 | D | 5 | 9 | A | E |
| 4 | A | B | D | 5 | 0 | 6 | 8 | 9 | 1 | E | 7 | 3 | 2 | C |
| 9 | 3 | C | 8 | A | 7 | 1 | 4 | B | 0 | 2 | 6 | 5 | E | D |
| 0 | 7 | 6 | 1 | 3 | 2 | D | C | E | B | 5 | 9 | A | 8 | 4 |
| D | 1 | 5 | C | B | E | 0 | 3 | 2 | A | 4 | 8 | 7 | 6 | 9 |
| 8 | 2 | E | 9 | 6 | 4 | 5 | A | 7 | D | C | 3 | 1 | 0 | B |

ଗତକାଲିର ଉତ୍ତର

# ଗଣତନ୍ତ୍ରର ଗତି ଓ ଦୁର୍ଗତି



ଡ. ଅନ୍ତର୍ଯ୍ୟାମୀ ମିଶ୍ର

ଭାରତ ସ୍ୱାଧୀନତା ପରେ ପୁଞ୍ଜିବାଦକୁ ପ୍ରଶ୍ରୟ ନ ଦେଇ ଗଣତନ୍ତ୍ରକୁ ଆଦରିନେଲା। ତଦନୁଯାୟୀ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱର ଅଭିବୃଦ୍ଧି ତଥା ପ୍ରତିଷ୍ଠାକୁ ଆଖିଆଗରେ ରଖି ଶାସନ ପଦ୍ଧତିର ମୌଳିକ ନୀତି ସମ୍ବଳିତ ସମ୍ବିଧାନ ପ୍ରଣୟନ କରାଗଲା। ଗଣତନ୍ତ୍ରର ସାଫଲ୍ୟ କାମନାରେ ସମ୍ବିଧାନରେ ସରକାର ଓ ନାଗରିକଙ୍କର କର୍ତ୍ତବ୍ୟ ତଥା ଅଧିକାର ନିର୍ଦ୍ଧାରଣ କରାଯାଇ ବ୍ୟକ୍ତି ଏବଂ ରାଷ୍ଟ୍ରର ସାମଗ୍ରିକ ବିକାଶ କାମନା କରାଗଲା। ସାମ୍ବିଧାନିକ ଦୃଷ୍ଟିକୋଣରୁ ସାବାଳକ ଭୋଟାଧିକାର, ନିର୍ବାଚନ, ଆସେମ୍ବ୍ଲି ଓ ପାର୍ଲାମେଣ୍ଟ ସ୍ଥାପନ କରାଯାଇ ଗଣତନ୍ତ୍ରର ବିଧିବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଚେଷ୍ଟା କରାଗଲା। ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହେବା ପରିବର୍ତ୍ତେ କ୍ଷମତା ନିମିତ୍ତ କନ୍ଦଳ ସୃଷ୍ଟି ହେଲା। କ୍ଷମତାସୀନ ଦଳ ଓ ବିରୋଧୀ ଦଳଗୁଡ଼ିକ ପରସ୍ପରର ତୀବ୍ର ବିରୋଧ କରି କ୍ଷମତା ନିମିତ୍ତ ପ୍ରତିଯୋଗିତା ଆରମ୍ଭ କରିଦେଲେ। ୧୯୪୭ରୁ ୧୯୬୦ ପର୍ଯ୍ୟନ୍ତ ଆଦର୍ଶ ଜନପ୍ରିୟ ନେତାମାନଙ୍କ ନେତୃତ୍ୱରେ ଗଣତନ୍ତ୍ରର ମୂଲ୍ୟବୋଧରେ କିଛି କିଛି ଉଜ୍ଜ୍ୱଳ ଆଲୋକ ସଞ୍ଚାର ହୋଇଥିଲେ ହେଁ ସ୍ଥଳବିଶେଷରେ ନିର୍ବାଚନ ଗଣତାନ୍ତ୍ରିକ ପଦ୍ଧତିରେ ହେଉନାହିଁ ବୋଲି ଅଭିଯୋଗ ହେଲା। ସ୍ୱାଧୀନତାର ପ୍ରାରମ୍ଭିକ କାଳରେ ନିର୍ବାଚନରେ ବିଶେଷ ତ୍ରୁଟି ଦେଖାଯାଇ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିର୍ବାଚନରେ ଅପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରାଯାଇ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଲା। ଦୁଃଖର କଥା, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇ ଭୋଟକେନ୍ଦ୍ର ଅକ୍ତିଆର, ଜାଲ୍ ଭୋଟ ପ୍ରଭୃତି କାଣ୍ଡମାନ ସଂଘଟିତ ହେଲା। କ୍ଷମତାସୀନ ଓ ବିରୋଧୀ ଦଳ କେହି ଗଣତାନ୍ତ୍ରିକ ନିୟମ ମାନିଲେ ନାହିଁ। ଫଳରେ ସମଗ୍ର ଦେଶରେ ସକଳସ୍ତରରେ ନୈତିକ ଅଧଃପତନ ଘଟିଲା। ଗଣତନ୍ତ୍ରର ନୀତି ଓ ବିଧିବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଅନାସ୍ଥା ସୃଷ୍ଟି ହେବା ସହିତ ପ୍ରତିଷ୍ଠିତ ନେତୃବର୍ଗ ଆପଣା ଆପଣାର ପ୍ରତିଷ୍ଠା ହରାଇଲେ। ନେତା, ମନ୍ତ୍ରୀ, ପ୍ରଶାସକ, କର୍ମଚାରୀ, ଶିଳ୍ପପତି ତଥା ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେଲା। ସର୍ବତ୍ର ଆନ୍ଦୋଳନ, ବିକ୍ଷୋଭ, ବିପ୍ଳବ, ଧର୍ମଘଟ ଓ ଅଶାନ୍ତି ଆରମ୍ଭ ହୋଇଗଲା। ରାଜନୀତି ଓ ଶାସନ ବ୍ୟବସ୍ଥାର ସକଳସ୍ତର କଳୁଷିତ ହୋଇଗଲା। ଦ୍ରୁତ ବର୍ଦ୍ଧମାନ ଦୁର୍ନୀତି, କ୍ରମବର୍ଦ୍ଧମାନ ବେକାରି, ବିପର୍ଯ୍ୟସ୍ତ ଅର୍ଥ ବ୍ୟବସ୍ଥା, ପଥଭ୍ରଷ୍ଟ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରକୁ ଉଚ୍ଛନ୍ନ କରିଦେଲା। ଆର୍ଥିକ ଦୁଃସ୍ଥିତି ଗଭୀର ଚିନ୍ତାର ବିଷୟ ହେଲା। ଜନସଂଖ୍ୟା ବ୍ୟାପକ ବୃଦ୍ଧି ହୋଇ ଉତ୍ପାଦନ ହ୍ରାସ ହେବା ଦ୍ୱାରା ରାଷ୍ଟ୍ରର ଋଣଭାର ବୃଦ୍ଧି ପାଇଲା। ଏହି ଅବସରରେ ବିଚ୍ଛିନ୍ନତାବାଦୀ, ସନ୍ତ୍ରାସବାଦୀ ଓ ସାମ୍ପ୍ରଦାୟିକ ଶକ୍ତିସମୂହ ସକ୍ରିୟ ହୋଇଉଠିଲେ। ଗଣତନ୍ତ୍ର କ୍ଷେତ୍ର ନୀତିବିହୀନ ହୋଇ ଜନସାଧାରଣ କେବଳ ରାଜନୈତିକ ସ୍ୱାଧୀନତା ଭୋଗ କରିବା ବ୍ୟତୀତ ଅନ୍ୟ କୌଣସି ସୁବିଧା ସୁଯୋଗ ପାଇଲେ ନାହିଁ।

ଦେଶର ପ୍ରାୟ ଶହେରୁ ଊର୍ଦ୍ଧ୍ୱ କୋଟି ଲୋକଙ୍କ ମଧ୍ୟରୁ କେବଳ ଅଠର ବର୍ଷରୁ ଅଧିକ ବୟସ୍କଙ୍କୁ ଭୋଟ ଅଧିକାର ମିଳିଛି। ସେଥିରୁ ମଧ୍ୟ ଏକ ବୃହତ୍ତର ଅଂଶ ଭୋଟାଧିକାର ସାବ୍ୟସ୍ତ କରିପାରନ୍ତି ନାହିଁ। ପୁନର୍ବାର, ନିର୍ବାଚିତ ପ୍ରତିନିଧି ଦୁର୍ନୀତିରେ ଲିପ୍ତ ରହିଲେ ତାଙ୍କୁ ଫେରାଇ ଆଣିବାର ଅଧିକାର ଭୋଟରଙ୍କ ନାହିଁ। ପ୍ରତିନିଧି ଥରେ ନିର୍ବାଚିତ ହେଲେ ଲୋକଙ୍କ ସୁଖସୁବିଧା ପରିବର୍ତ୍ତେ ଆପଣା ସ୍ୱାର୍ଥକୁ ଶ୍ରେୟ ମଣୁଛନ୍ତି। ସେମାନେ ବା ସେମାନଙ୍କର ଦଳ ପାଖରେ ନୀତି ବା ଆଦର୍ଶର ପ୍ରଶ୍ନ ନାହିଁ। ଅନେକ ସ୍ଥଳରେ ଭ୍ରଷ୍ଟାଚାରୀ, ସ୍ୱେଚ୍ଛାଚାରୀ, ଦୁରାଚାରୀ ଓ ଅସାମାଜିକ ଅପରାଧୀ ନିର୍ବାଚିତ ପ୍ରତିନିଧି ଭାବେ ଆସନ ଅଳଙ୍କୃତ କରୁଛନ୍ତି। ସୂଚନାଯୋଗ୍ୟ, ଭାରତ ସଦୃଶ ବହୁ ଭାଷାଭାଷୀ ଓ ସମ୍ପ୍ରଦାୟଭିତ୍ତିକ ରାଷ୍ଟ୍ରରେ ବହୁ ଦଳ ସୃଷ୍ଟିହୋଇ ପାରସ୍ପରିକ ଦ୍ୱନ୍ଦ୍ୱ ଗଣତନ୍ତ୍ରକୁ ଶକ୍ତ ଆଘାତ ଦେଇଛି। ଫଳରେ ପାଶ୍ଚାତ୍ୟ ଗଣତାନ୍ତ୍ରିକ ପଦ୍ଧତି ବିକାଶଶୀଳ ଦେଶ ନିମିତ୍ତ ପ୍ରଯୁଜ୍ୟ ହେଲେ ହେଁ ଭାରତ ସଦୃଶ ଅବିକଶିତ ସମସ୍ୟାବହୁଳ ରାଷ୍ଟ୍ର ନିମିତ୍ତ ପ୍ରଯୁଜ୍ୟ ହୋଇନାହିଁ। ଜନସାଧାରଣ ଓ ପ୍ରତିଷ୍ଠିତ ସରକାର ମଧ୍ୟରେ ଆତ୍ମିକ ସମ୍ପର୍କ ପ୍ରତିଷ୍ଠା ହୋଇନାହିଁ। ଜନସାଧାରଣଙ୍କ ମତ ସରକାରରେ ପ୍ରତିଫଳିତ ହୋଇପାରୁନାହିଁ ତଥା ସରକାର ଜନସାଧାରଣଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପୂରଣ କରିବାରେ ଅସମର୍ଥ ହେଉଛନ୍ତି। ରାଷ୍ଟ୍ର ବିପୁଳ ଶକ୍ତିର ଅଧିକାରୀ ହୋଇ ମଧ୍ୟ ଜନସାଧାରଣଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ କରିପାରିନାହିଁ ଅଥବା ସେମାନଙ୍କ ଜୀବନଧାରଣ ପ୍ରଣାଳୀକୁ ଉନ୍ନତ କରିପାରିନାହିଁ। ସକଳ କ୍ଷେତ୍ରରେ ମତବୈଷମ୍ୟ, ଦୁସ୍ତର ସାମାଜିକ ବୈଷମ୍ୟ ଓ ଉତ୍କଟ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହୋଇଛି। ସର୍ବାଧିକ ବ୍ୟକ୍ତିଙ୍କର ସର୍ବାଧିକ ମଙ୍ଗଳ ନିମିତ୍ତ ପ୍ରତିଷ୍ଠିତ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଭୁଶୁଡ଼ି ପଡିଛି।

ଅନେକେ ଆଶା କରିଥିଲେ, ସ୍ୱାଧୀନତା ଆନ୍ଦୋଳନ ସମୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାଧାରଣ ଆଚରଣବିଧିର ଯେଉଁ ମାନ ପ୍ରତିପନ୍ନ ହୋଇଥିଲା, ତାହା ହିଁ ହେବ ଆମ ଗଣତନ୍ତ୍ରର ରକ୍ଷାକବଚ। ବ୍ୟକ୍ତି ଓ ରାଷ୍ଟ୍ରର କଲ୍ୟାଣ ନିମିତ୍ତ ଯେଉଁ ସମ୍ବିଧାନ ପ୍ରଣୟନ ହେଲା ତାହା ହେବ ଆମ ଗଣତନ୍ତ୍ରର ଦିଗ୍‌ଦର୍ଶକ। ବ୍ୟକ୍ତି ସ୍ୱାଧୀନତା ଓ ରାଷ୍ଟ୍ରର ସାର୍ବଭୌମତ୍ୱ ହେବ ଆମ ଗଣତନ୍ତ୍ରର ଆଧାର। ସର୍ବୋପରି ଆମ ନିର୍ବାଚିତ ପ୍ରତିନିଧିଙ୍କର ଆଦର୍ଶ ଆଚରଣ ହେବ ଆମ ଗଣତନ୍ତ୍ରର ଆଦର୍ଶ। କିନ୍ତୁ ସବୁକିଛି ଦୁଃସ୍ୱପ୍ନରେ ପରିଣତ ହୋଇଛି। ଜାତିର ଜନକ ମହାତ୍ମା ଗାନ୍ଧୀ ଗଣତାନ୍ତ୍ରିକ ଆଚରଣ ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଥିଲେ, "ବ୍ୟବସ୍ଥାପକମାନଙ୍କ ଜରିଆରେ ଆସୁଥିବା କ୍ଷମତାକୁ ମୁଁ ଏକ ଭ୍ରାନ୍ତଧାରଣା ବୋଲି ମନେକରେ। ଯେଉଁମାନେ ଜନସେବାରେ ନିଷ୍କ୍ରିୟ ଏବଂ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଲାଇବାକୁ ଚାହାନ୍ତି, ସେହିମାନେ କେବଳ ଏପରି କଥା କହିପାରନ୍ତି।" ପ୍ରକୃତ ଗଣତନ୍ତ୍ର କେବଳ ଅହିଂସା, ଶାନ୍ତି ଓ ମୈତ୍ରୀ ମାଧ୍ୟମରେ ସମ୍ଭବ ବୋଲି ତାଙ୍କର ବିଶ୍ୱାସ ଥିଲା। ଅହିଂସାର ଭିତ୍ତିଭୂମି ଉପରେ ବିଶ୍ୱ ରାଷ୍ଟ୍ରସଂଘ ଗଠନର ସେ ପରିକଳ୍ପନା କରିଥିଲେ। ତାଙ୍କ ମତରେ ସେ ହିଁ ପ୍ରକୃତରେ ଗଣତନ୍ତ୍ରପ୍ରେମୀ, ଯିଏ ନିଜ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ତ୍ୟାଗ କରିପାରେ ଏବଂ ନିଜର ତଥା ନିଜ ଦଳ ବିଷୟରେ ଚିନ୍ତା ନ କରି ଗଣତନ୍ତ୍ରର ସଫଳତା ପାଇଁ କାର୍ଯ୍ୟ କରିପାରେ। କିନ୍ତୁ ଆମ ବିଚାର ଓ ଆଚାର କପଟତା ତଥା ସ୍ୱାର୍ଥଜଡ଼ିତ ହୋଇଗଲା। ସ୍ୱାଧୀନତାର ସତୁରିବର୍ଷ ପରେ ମଧ୍ୟ ଏକ ଦୃଢ଼, ଦକ୍ଷ, ଦୁର୍ନୀତିବିହୀନ କର୍ମଚାରୀ ଗୋଷ୍ଠୀ ସୃଷ୍ଟି ହୋଇପାରିଲା ନାହିଁ। ପଦକରେ କହିଲେ, ଗାନ୍ଧିଜୀ ସମାଜର ଯେଉଁ ସାତଗୋଟି ବ୍ୟାଧି ସମ୍ପର୍କରେ ସତର୍କ କରିଦେଇଥିଲେ ଆମେ ସମ୍ପ୍ରତି ସେହି ବ୍ୟାଧି ଦ୍ୱାରା ଆକ୍ରାନ୍ତ। ସେହି ଦୁରାରୋଗ୍ୟ ସାମାଜିକ ବ୍ୟାଧିଗୁଡିକ ହେଲା– ନୀତିହୀନ ରାଜନୀତି, ଅନୁପାର୍ଜିତ ସମ୍ପତ୍ତି, ବିବେକହୀନ ଆମୋଦପ୍ରମୋଦ, ଚରିତ୍ର ବିନା ଜ୍ଞାନାର୍ଜନ, ନୈତିକତାହୀନ ବ୍ୟବସାୟ, ମାନବିକତା ବହିର୍ଭୂତ ବିଜ୍ଞାନ ଏବଂ ତ୍ୟାଗହୀନ ଉପାସନା।

କେତେକଙ୍କର ଧାରଣା, ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ପରିବର୍ତ୍ତନ କରିଦେଲେ ଅବସ୍ଥା ସୁଧୁରିଯିବ। ଇତ୍ୟବସରରେ କେତେକ ସଂଶୋଧନ ହୋଇ ମଧ୍ୟ ସୁଫଳ ମିଳିନାହିଁ। ତା'ର ମୁଖ୍ୟ କାରଣ ହେଉଛି ଗଣତାନ୍ତ୍ରିକ ଆଚରଣଠାରୁ ଆମେ ବହୁ ଦୂରରେ। ଅନ୍ୟତମ କାରଣ ହେଉଛି, ଗାନ୍ଧିଜୀଙ୍କ ବିଚାର ଅନୁଯାୟୀ ଭାରତୀୟ ଗଣତନ୍ତ୍ରରେ ମାନବିକତା ଓ ଆଧ୍ୟାତ୍ମିକତାକୁ ମହତ୍ତ୍ୱ ପ୍ରଦାନ କରାଯାଇନାହିଁ। ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ଆମେ ପାଶ୍ଚାତ୍ୟ ଦେଶର ଗଣତାନ୍ତ୍ରିକ ପଦ୍ଧତି ଅନୁସରଣ ନ କରି ଗାନ୍ଧିଜୀଙ୍କ ପରିକଳ୍ପିତ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଓ ଆଚରଣରେ ଉଦ୍‌ବୁଦ୍ଧ ହୋଇ ଲୋକଶାସନ ପ୍ରତିଷ୍ଠା କରିପାରିଲେ ଭାରତୀୟ ଗଣତନ୍ତ୍ରର ପ୍ରଗତି ଅବଶ୍ୟମ୍ଭାବୀ।

ଆନନ୍ଦ ନଗର, କାଠଗଡ଼ା, ଢେଙ୍କାନାଳ,
ମୋ–୮୮୯୫୨୩୦୭୨୨

# ଅଭୁଲା ସ୍ମୃତି



ଅଲେଖ ଚନ୍ଦ୍ର ମିଶ୍ର

"ଏଇ ସହକାର ତଳେ, ସେଦିନ ପ୍ରିୟାର କରକଙ୍କଣ ଭିଡିଥିଲା ମୋର ଗଳେ..." ପ୍ରଥମ ପ୍ରେମିକା ପ୍ରଣୟିନୀ ହୋଇପାରେନା– ଏହା ଅର୍ଦ୍ଧସତ୍ୟ। ଏହି ସତ୍ୟର ଅନ୍ୟ ଅର୍ଦ୍ଧକ ହେଲା, ପ୍ରଥମ ପ୍ରେମର ସ୍ମୃତି ଉଭୟଙ୍କ ଜୀବନରେ ଶେଷ ପର୍ଯ୍ୟନ୍ତ ଅଭୁଲା ହୋଇ ରହିଯାଏ। ହୃଦୟର କଞ୍ଚା ସିଲଟରେ ପ୍ରଥମ ଗାର ଭଳି କେବେ ଲିଭେନା। ଭୁଲିବାକୁ ଚେଷ୍ଟା କଲେ ବି ଭୁଲି ହୁଏନା। କାରଣ ଭୁଲିବାକୁ ହେଲେ ଆଗ ତ ମନେ ପକେଇବାକୁ ପଡିବ! ଦୂରେଇଗଲେ ତା'ର ଆକର୍ଷଣ ଆହୁରି ନିକଟ ହୋଇଯାଏ। ଶାସ୍ତ୍ର ତ କହେ, "ବନେ ମୟୂରାଃ ଗଗନେଷୁ ମେଘାଃ, ଲକ୍ଷାନ୍ତରେ ଭାନୁ ଜଳେଷୁ ପଦ୍ମାଃ, ଇନ୍ଦୁର୍ଦ୍ଵିଲକ୍ଷେ କୁମୁଦସ୍ୟ ତୟୋଃ, ଯା ଯସ୍ୟ ପ୍ରୀତିର୍ନହି ତସ୍ୟ ଦୂରମ୍।" ଅର୍ଥାତ୍ ବନରେ ମୟୂର– ଆକାଶରେ ମେଘ, ଜଳରେ ପଦ୍ମ– ଲକ୍ଷେ ଯୋଜନ ଦୂରରେ ସୂର୍ଯ୍ୟ, ସେହିପରି କଇଁଫୁଲ ଓ ଚନ୍ଦ୍ର ବି ପରସ୍ପରଠାରୁ କାହିଁ କେତେ ଦୂରରେ ରହିଥାନ୍ତି। ତଥାପି ସେମାନଙ୍କ ଭିତରେ ପ୍ରୀତି ଅଭେଦ। ଯେଉଁଠି ପ୍ରୀତି ଥାଏ, ସେଠି ଦୂରତା ପ୍ରତିବନ୍ଧକ ସାଜିପାରେ ନାହିଁ। ଚେତନ ବା ଅବଚେତନ ମନରେ ସ୍ମୃତି ଆସ୍ଥାନ ଜମେଇଥାଏ। ସେଥିରୁ ନିଷ୍କୃତି ମିଳିବା କଷ୍ଟସାଧ୍ୟ– "ସ୍ମୃତି ତ ନୁହଁଇ କେବେ ଭୁଲିବାର, ଭୁଲିପାରିଲେ ବା ଲଭନ୍ତି ନିସ୍ତାର।"

ସ୍ମୃତିକୁ ସ୍ମୃତି ଭାବରେ ରହିବାକୁ ଦେଲେ ତାହା ଯୁଗପତ୍ ଆନନ୍ଦ ପ୍ରଦାନ କରେ। କିନ୍ତୁ ସମସ୍ୟା ଉପୁଜେ, ଯେତେବେଳେ ମଣିଷ ଏକାନ୍ତ ଭାବପ୍ରବଣ ହୋଇ ପୁରୁଣା ପ୍ରେମର ସ୍ମୃତିକୁ ଝୁରି ହୁଏ ଏବଂ ତାକୁ ବାସ୍ତବତାର ରୂପ ଦେବାକୁ ପୁନଃପ୍ରୟାସ କରେ। ବେଳେବେଳେ ଜୀବନଯାତ୍ରାରେ ଅନେକ ଦୂରତା ଅତିକ୍ରାନ୍ତ ହୋଇ ପଛକୁ ଫେରିବା ଅସମ୍ଭବ ଥିଲେ ବି ସେ ଫେରିଚାହେଁ। ଅତୀତ ତ ଫେରେନା, ବରଂ ବର୍ତ୍ତମାନ ନଷ୍ଟ ହୋଇଯାଏ ଏବଂ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯାଏ। କେହି ନିଜ ଉପରେ ପ୍ରତିଶୋଧ ନେବା ପାଇଁ ଅବିବାହିତ ରହିଯାଆନ୍ତି ତ ଅନ୍ୟ କେହି ଚଉଠି ରାତିରୁ ଫେରାର୍ ହୋଇଯା'ନ୍ତି। କିଛି ଲୋକ ଜୀବନର ଅପରାହ୍ଣରେ ବି ଆପଣାର ପରିବାର, ପତ୍ନୀ ସନ୍ତାନଙ୍କୁ ଛାଡ଼ି ବିଗତ ଦିନର ପ୍ରେମିକା ବା ପ୍ରେମିକ ପାଖକୁ ଚାଲିଯା'ନ୍ତି। କିଛି ଘରେ ରହି ନାନା ଅଶାନ୍ତି ସୃଷ୍ଟି କରନ୍ତି। ଏମିତି ଲୋକ ବି ଅଛନ୍ତି ଯିଏ ପ୍ରେମିକା ବା ପ୍ରେମିକର ପ୍ରତୀକ୍ଷାରେ ସାରା ଜୀବନ ବିତେଇ ଦିଅନ୍ତି। ଏଇଭଳି ଜଣେ ବହୁଚର୍ଚ୍ଚିତ ବ୍ୟକ୍ତି ହେଲେ ତାଇୱାନ୍‌ର ଆହ୍ ଜି (୪୯)। ତାଙ୍କୁ ଯେତେବେଳେ ୨୭ବର୍ଷ ହୋଇଥିଲା ତାଇନାନ ନାମକ ଏକ ରେଳ ଷ୍ଟେଶନରେ ଜଣେ ଯୁବତୀଙ୍କ ସହିତ ତାଙ୍କର ଦେଖା ହୋଇଥିଲା। ସେମାନେ ଅନେକ ସମୟ ପର୍ଯ୍ୟନ୍ତ ଗପସପ ହେବା ମଧ୍ୟରେ ପରସ୍ପରକୁ ଭଲପାଇ ବସିଥିଲେ। ପରଦିନ ପୁଣି ସେଠାକୁ ଆସିବାକୁ ପ୍ରତିଶ୍ରୁତି ଦେଇ ଯୁବତୀଟି ବିଦାୟ ନେଇଥିଲେ। ଆହ୍ ଜି ପରଦିନ ସେଠାକୁ ଆସିଲେ। କିନ୍ତୁ ଯୁବତୀଟି ଆସିଲେନି। ତାଙ୍କୁ ଅପେକ୍ଷା କରି ଆହ୍ ଜି ସେଇଠି ସେମିତି ବସିରହିଲେ। ଯା ଭିତରେ ଦୀର୍ଘ ୨୨ ବର୍ଷ କଟିଗଲାଣି। ସେ ସେମିତି ବସି ରହିଛନ୍ତି। ପରିବାର ଲୋକେ ଯେତେ ଡାକିଲେ ବି ଘରକୁ ଯାଉନାହାନ୍ତି। ସେଠାରେ ଘରଟିଏ ତୋଳି ଦେବାକୁ କହିଲେ ମନା କରୁଛନ୍ତି। ଏବେ ବି ତାଙ୍କର ବିଶ୍ୱାସ ଦିନେନା ଦିନେ ତାଙ୍କ ପ୍ରେମିକା ନିଶ୍ଚୟ ଫେରିବ। କିନ୍ତୁ ସମସ୍ତଙ୍କର ଭାଗ୍ୟ ସମାନ ନୁହେଁ। କିଛି ଲୋକ ଅପେକ୍ଷାର ମିଠାଫଳ ଅବଶ୍ୟ ଚାଖନ୍ତି, ଯେମିତି ବ୍ରିଟେନର ଡର୍ବିସାୟାର୍‌ର ହେଲେନ୍ ଆଣ୍ଡ୍ରେ (୮୨) ଏବଂ ଡେଭି ମୋଆକେମ୍ (୮୬)। ସେମାନେ ପରସ୍ପରକୁ ଖୁବ୍ ଭଲ ପାଉଥିଲେ ଏବଂ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ପାରିବାରିକ ଅସମ୍ମତି ଯୋଗୁ ଆଣ୍ଡ୍ରେଙ୍କୁ ଅନ୍ୟତ୍ର ବିବାହ କରିବାକୁ ପଡ଼ିଥିଲା। କିନ୍ତୁ ସେ ମୋଆକେମ୍‌ଙ୍କୁ ଭୁଲି ନ ଥିଲେ। ଯା ଭିତରେ ଦୀର୍ଘ ୬୫ ବର୍ଷ ବିତିଗଲା। ଆଣ୍ଡ୍ରେ ତିନିଥର ବିବାହ କରି ତିନିଥର ବିଧବା ହେଲେ। କିନ୍ତୁ ପ୍ରତିଥର ସେ ଡେଭିଙ୍କୁ ଖୋଜନ୍ତି। ଖୋଜି ଖୋଜି ଶେଷରେ ୨୦୧୬ରେ ତାଙ୍କୁ ପାଇଲେ। ଏବେ ସେମାନେ ବିବାହ କରି ଖୁବ୍ ଖୁସିରେ ଅଛନ୍ତି।

କାହା ଜୀବନରେ ବା ପ୍ରେମର ପରଶ ଲାଗିନାହିଁ। ସେ କାୟିକ ହେଉ ବା ମାନସିକ, ବାଚନିକ ହେଉ ବା କାଳ୍ପନିକ। ପ୍ରେମର ଅନୁଭବ ବିନା ଜୀବନ ନୀରସ, ଶୁଷ୍କ, ଅସମ୍ପୂର୍ଣ୍ଣ। ପୃଥିବୀର ଅନେକ ସେଲିବ୍ରିଟି ଏହାର ଦୃଷ୍ଟାନ୍ତ। ଆବଶ୍ୟକ ଖାଲି ସେଥିପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ। ପ୍ରେମ ଜୀବନର ଏକ ଘଟଣା ମାତ୍ର, ଜୀବନ ନୁହେଁ। ଅତଏବ ତା'ର ସ୍ମୃତିକୁ ସ୍ମୃତିରେ ହିଁ ରହିବାକୁ ଦିଆଯାଉ। ମେଘକୁ ଦେଖି ମୟୂର ନୃତ୍ୟରତ ହେଲେ ବି ମୟୂରୀଙ୍କୁ ପାଇଲେ ମେଘକୁ ଭୁଲିଯାଏ। ସୂର୍ଯ୍ୟ ପଦ୍ମକୁ ଏତେ ଭଲ ପାଉଥିଲେ ବି ଜଳରୁ ବିଚ୍ୟୁତ ପଦ୍ମକୁ ସେ ଶୁଖେଇଦିଏ। ଚନ୍ଦ୍ରକୁ ନ ଦେଖି କଇଁ ଅମାବାସ୍ୟାରେ ବି ଫୁଟେ। ସମସ୍ତେ କର୍ତ୍ତବ୍ୟବୋଧର ଦାସ। ଶୃଙ୍ଖଳା ନିକଟରେ ସବୁ ତୁଚ୍ଛ। ବରଂ ଜୀବନର ଆଦ୍ୟ ପର୍ଯ୍ୟାୟରେ ଯେଉଁ ପ୍ରେମ ଦୈହିକ ଥାଏ ଅନ୍ତିମ ପର୍ଯ୍ୟାୟରେ ତାହା ଦେହାତୀତ ଅନାବିଳ ଶ୍ରଦ୍ଧାର ରୂପ ନେଇ ଭାରାକ୍ରାନ୍ତ ମନକୁ ଲାଘବ କରେ ଅଥବା ବ୍ୟସ୍ତବହୁଳ ଜୀବନରେ ଟିକିଏ ଫୁରସତ୍ ମିଳିଲେ ତା'ର ମଧୁର ସ୍ମୃତି ସାମୟିକ ଆମୋଦ ଦିଏ। କଦାଚିତ୍ ସାରସ୍ୱତ ସାଧନାର ଉତ୍ସ ବନିଯାଏ। ହୁଏତ ଏମିତି ବି ସମୟ ଆସେ ଯେତେବେଳେ ପୁରୁଣା ପ୍ରେମର ଆବଶ୍ୟକତା ଏକାନ୍ତ ଅନୁଭୂତ ହୁଏ। ପରିଣତ ବୟସରେ ସାଥୀହରା ହୋଇଗଲେ ଜୀବନ ଦୁର୍ବିଷହ ହୋଇପଡ଼େ। କିନ୍ତୁ ସେତେବେଳେ ଜୀବନସାଥୀଟିଏ ପାଇବା ସମ୍ଭବ ହୁଏନା। ସଂଯୋଗବଶତଃ ସମଦଶାପନ୍ନ ପୁରୁଣା ସାଥୀଟିଏ ମିଳିଗଲେ ଉଭୟଙ୍କର ଜୀବନ ସାର୍ଥକ ହୁଏ। ସମ୍ପ୍ରତି ଏହିଭଳି ଏକ ଘଟଣା ଇଂଲଣ୍ଡରେ ଘଟିଛି, ଯାହା ସୋସିଆଲ ମିଡିଆରେ ଅନେକ ଆଦୃତି ଲାଭ କରିଛି। ଘଟଣାଟି ଏହିପରି– ଜର୍ଜ କର୍ବେ (୧୦୨) ପ୍ରେମିକ। ଡୋଭିନ୍ ଲୁକେ (୯୧) ପ୍ରେମିକା। ପ୍ରେମିକ ପତ୍ନୀପରିତ୍ୟକ୍ତ, ପ୍ରେମିକା ବିଧବା। ତାଙ୍କର ୭ ସନ୍ତାନ, ୧୫ ନାତିନାତୁଣୀ, ୭ ଅଣନାତିନାତୁଣୀ। ତଥାପି ଉଭୟେ ଯେତେବେଳେ ବିବାହ କରିବାକୁ ଚାହିଁଲେ, ଏମାନେ ସମସ୍ତେ ପୂର୍ଣ୍ଣ ସହଯୋଗ କରି ଦୁହିଁଙ୍କୁ ଯୋଡିଦେଲେ (୨୦୧୫)। ପୁରୁଣା ପ୍ରୀତିର ସ୍ମୃତି ଏହିଭଳି ଅଭୁଲା।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର,
ୟୁନିଟ୍–୪, ଭୁବନେଶ୍ୱର,
ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ଯାଆଁଳା ସନ୍ତାନଙ୍କ ବିଷୟରେ ସମସ୍ତେ ଅଳ୍ପବହୁତେ ଜାଣିଥିବେ। ହେଲେ କେରଳର ମଲ୍ଲମପୁର ଜିଲା କୋଡିନ୍ନା ଗାଁ ସବୁଠାରୁ ନିଆରା। ଏଠାରେ ଅଧିକାଂଶ ମାଆଙ୍କର ଯମଜ ସନ୍ତାନ ଜନ୍ମ ହୋଇଥାଆନ୍ତି। ଏବେ ଏଠାରେ ପ୍ରାୟ ୩୫୦ ଯାଆଁଳା ସନ୍ତାନ ଅଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ୬୫ ବର୍ଷୀୟ ବୃଦ୍ଧ ପର୍ଯ୍ୟନ୍ତ। ଏକ ଗବେଷଣାରୁ ଜଣାଯାଏ ଯେ ପ୍ରତି ୧ ହଜାର ଶିଶୁଙ୍କ ମଧ୍ୟରେ ୪ ଯାଆଁଳା ସନ୍ତାନ ଜନ୍ମ ନିଅନ୍ତି। ହେଲେ କେରଳର କୋଡିନ୍ନା ଗାଁ ଏହାର ଏକ ବ୍ୟତିକ୍ରମ। ଏଠାରେ ପ୍ରତି ୧ ହଜାରରେ ୪୫ ଯାଆଁଳା ସନ୍ତାନ ଜନ୍ମ ନେଉଛନ୍ତି ଏବଂ ଯାଆଁଳା ସନ୍ତାନ ଜନ୍ମ କରିବାରେ ଏହି ଗାଁ ବିଶ୍ୱରେ ଦ୍ୱିତୀୟ। ଏହା ଏକ ମୁସଲମାନ ବହୁଳ ଗାଁ ହୋଇଥିବାବେଳେ ଏହାର ଜନସଂଖ୍ୟା ପାଖାପାଖି ୨ହଜାର। ତେଣୁ ସ୍କୁଲ, କଲେଜ, ବ୍ୟବସାୟ ସ୍ଥଳ ସବୁଠି ଦେଖିବାକୁ ମିଳେ ଏମିତି କେତେଜଣ ଯାଆଁଳା ବ୍ୟକ୍ତିଙ୍କୁ। ୨୦୦୮ରେ ଏଠାରେ ଜନ୍ମ ନେଇଥିବା ୩ଶହ ପିଲାଙ୍କ ମଧ୍ୟରେ ୧୫ ଯୋଡା ଥିଲେ ଯାଆଁଳା। ତେବେ ଗତ କିଛିବର୍ଷ ହେବ ଏହି ଗାଁରେ ଯାଆଁଳା ସନ୍ତାନଙ୍କ ସମେତ ଅନେକ ସ୍ଥଳେ ଏକକାଳୀନ ୩ ସନ୍ତାନ ଜନ୍ମ ନେଉଥିବା କୁହାଯାଏ।

## ଚିରନ୍ତନୀ

ନୟନ–ଶିଶିର ତାର
ଲାଗେ ତିନି ଭୁବନେ
ଲାଗିଅଛି ରିକ୍ତ ମୋ ଜୀବନେ!
ଲାଗିଅଛି ଫୁଲେ ଫୁଲେ
ଆକାଶ ଧରଣୀ ତୁଲେ
ତରୁ–ଲତା–ଗିରି–ନୀଳ ବସନେ
ଲାଗିଅଛି ରିକ୍ତ ମୋ ଜୀବନେ!
(ଶିଶିର–ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ମେ ୧୯୯୪

- ହାଇଦ୍ରାବାଦ ନିକଟରେ ଏକ ଟ୍ରେନ ଟ୍ରାକ୍ଟରକୁ ଧକ୍କା ଦେବା ଫଳରେ ୩୩ ଜଣଙ୍କ ମୃତ୍ୟୁ।
- ବାଂଲାଦେଶରେ ପ୍ରବଳ ବେଗରେ ସାମୁଦ୍ରିକ ତୋଫାନ ପ୍ରବାହିତ ହେବା ଫଳରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଅବାସ୍ତବ ଇସ୍ତାହାର

ମହାଶୟ,

ଧରିତ୍ରୀ(୮।୪)ର ସମ୍ପାଦକୀୟ 'ଅବାସ୍ତବ ଇସ୍ତାହାର' ବାସ୍ତବ ସତ୍ୟ। ସବୁ ଦଳ ଏହା କରିଦେବୁ, ତାହା କରିଦେବୁ କହୁଛନ୍ତି। କେହି ଜଣେ କହୁନାହାନ୍ତି ହଜାର ହଜାର କେସ୍ ବର୍ଷ ବର୍ଷ ଧରି କୋର୍ଟରେ ପଡିରହିଛି, ତାହାର କିପରି ଶୀଘ୍ର ସମାଧାନ ହେବ। ଏହାର ଗଭୀରତାକୁ କେହି ଯାଉନାହାନ୍ତି। ଜଜ୍‌ଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି ଏବଂ ମାସ ମାସ ଧରି ଓକିଲମାନେ ଆନ୍ଦୋଳନ କରୁଛନ୍ତି। ପୋଲିସ ତା' କାର୍ଯ୍ୟ ସବୁଠୁ ମନ୍ଥର ଗତିରେ କରୁଛି। ଏହା କୌଣସି ଦଳଙ୍କ ଇସ୍ତାହାରରେ ଲେଖାନାହିଁ। ଯାହା ଲେଖା ଅଛି, ତର୍ଜମା କଲେ ଜଣାପଡ଼ିବ ଦେଶର ସମ୍ବଳ ଦୃଷ୍ଟିରୁ ସେସବୁ ଅବାସ୍ତବ ଇସ୍ତାହାର।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ସେକାଳ ପଖାଳ

ଧରିତ୍ରୀ (୮।୪)ରୁ 'ଓଡ଼ିଆଙ୍କ ପଖାଳ : ସେକାଳରୁ ଏକାଳ' ଶୀର୍ଷକରେ ଡ. ପ୍ରଫୁଲ୍ଲ କୁମାର ସାହୁ ଓଡ଼ିଆଙ୍କ ପଖାଳ ବିଷୟରେ ବିଶଦ ବର୍ଣ୍ଣନା କରିଛନ୍ତି। ଆଗେ ମାଟିହାଣ୍ଡିରେ ଭାତ ରନ୍ଧା ହେଉଥିଲା। ରନ୍ଧାଖାଦ୍ୟରୁ ଯେଉଁ ଭାତ ବଳେ, ସେଥିରେ ପାଣି ଢାଳି ବାସିପଖାଳରୁ ତଙ୍କିଏ ଦେଇ ପଖାଳ ତିଆରି ହେଉଥିଲା। ବାଡ଼ିବଗିଚାରୁ ଅନାବନା, ପୁରୁଣି ଶାଗ ଓ ଖଡ଼ା ଶାଗ ମିଶାଇ ଖରଡ଼ା ହେଉଥିଲା। ମାଟିହାଣ୍ଡି ପଖାଳର ବାସନା ଏବର ଆଲୁମିନିୟମ ଡେକ୍‌ଚି ରନ୍ଧା ଭାତରେ ନାହିଁ। ଏବକାର ଲୋକଙ୍କର ମ୍ୟାଗି, ଚାଓମିନ୍‌ରେ ଆଗ୍ରହ। ପଖାଳ କ୍ରମେ ଆମ ଖାଦ୍ୟ ତାଲିକାରୁ ଅପସରି ଯାଉଥିବା ବେଳେ ସହରରେ କେତେକ ସ୍ଥାନରେ ଖରାଦିନେ ପଖାଳ ବିକ୍ରି ହେଉଛି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



**ଅନ୍ୟ ଖବର**

## ମେ ୨୪ରେ ମୋଦି ବାୟୋପିକ୍ ରିଲିଜ

**ମୁମ୍ବାଇ, ୩।୫ (ପି.ଟି.):** ଲୋକ ସଭା ନିର୍ବାଚନ ଫଳାଫଳ ପରେ ମେ ୨୪ରେ ପି.ଏମ୍. ନରେନ୍ଦ୍ର ମୋଦି ଦେଶବ୍ୟାପୀ ରିଲିଜ ହେବ ବୋଲି ଏହାର ନିର୍ମାତା ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା। କିନ୍ତୁ ନିର୍ବାଚନ କମିଶନ ଏହା ଉପରେ ନିଷେଧାଜ୍ଞା ଜାରିକରିବା ପରେ ଏହାକୁ ସ୍ଥଗିତ ରଖାଯାଇଛି। ଗତ ମାସରେ ନିର୍ବାଚନ କମିଶନ ଏକ ନିର୍ଦ୍ଦେଶନାମା ଜାରି କରି କହିଥିଲେ, ଭୋଟ ସମୟରେ କୌଣସି ରାଜନୈତିକ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କ ଫାଇଦା ଲାଗି ଏହାକୁ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଦର୍ଶନ କରାଯାଇ ପାରିବ ନାହିଁ। ଉକ୍ତ ଫିଲ୍ମ ରିଲିଜ ହେବାର ଗୋଟିଏ ଦିନ ପୂର୍ବରୁ ନିର୍ବାଚନ କମିଶନ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରଯୋଜକ ସନ୍ଦୀପ ସିଂଙ୍କ କହିବାନୁଯାୟୀ, ଦାୟିତ୍ୱସମ୍ପନ୍ନ ନାଗରିକ ହିସାବରେ ଆମେ ଦେଶର ଆଇନକୁ ସମ୍ମାନ ଦେଉ। ଫିଲ୍ମ ପ୍ରତି ଦର୍ଶକଙ୍କ ଉତ୍ସୁକତାକୁ ଦୃଷ୍ଟିରେ ରଖି ଲୋକ ସଭା ନିର୍ବାଚନ ଫଳାଫଳ ପରେ ମୋଦି ବାୟୋପିକ ରିଲିଜ ପାଇଁ ନିଷ୍ପତ୍ତି ନିଆଯାଇଛି।

**ଭିଭିପିଏଟି ସ୍ଲିପ୍ ଯାଞ୍ଚ**

## ରିଭ୍ୟୁ ପିଟିଶନର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୩।୫ (ପି.ଟି.):** ଚଳିତ ସାଧାରଣ ନିର୍ବାଚନରେ ଅଧିକ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ) ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ଲାଗି ୨୧ଟି ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ରିଭ୍ୟୁ ପିଟିଶନର ଶୁଣାଣି ଆସନ୍ତା ସପ୍ତାହରେ କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ବର୍ତ୍ତମାନ ପ୍ରତି ବିଧାନସଭା ଆସନର ଗୋଟିଏ ବୁଥର ଭିଭିପିଏଟି ସ୍ଲିପ୍ ଯାଞ୍ଚ ବ୍ୟବସ୍ଥା ରହିଥିବାବେଳେ ଏହାକୁ ୫କୁ ବଢ଼ାଇବା ଲାଗି ଏପ୍ରିଲ ୮ରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିଭିପିଏଟି ଯାଞ୍ଚ ଲାଗି ବୁଥ ସଂଖ୍ୟା ୧ରୁ ୫କୁ ବଢ଼ାଇବା ଯଥାର୍ଥ ନୁହେଁ ଦର୍ଶାଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ରାୟର ସମୀକ୍ଷା ଲାଗି ଆବେଦନ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠରେ ଆବେଦନର ଜରୁରୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି ହାଜର ହୋଇ ଆସନ୍ତା ସପ୍ତାହରେ ରିଭ୍ୟୁ ପିଟିଶନ ଶୁଣାଣି କରିବାକୁ ଖଣ୍ଡପୀଠଙ୍କୁ ଅନୁରୋଧ କରିବା ପରେ ଅଦାଲତ ଏହାକୁ ଗ୍ରହଣ କରିଥିଲେ।

## ଗୋରୁ ଚୋରି ସନ୍ଦେହରେ ହତ୍ୟା

**ଆରାରିଆ (ବିହାର), ୩।୫ (ପି.ଟି.):** ବିହାରର ଆରାରିଆ ଜିଲାରେ ଗୋରୁ ଚୋରି ସନ୍ଦେହରେ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କୁ ଲୋକେ ପିଟିପିଟି ହତ୍ୟା କରିଛନ୍ତି। ଡାକ ହରିପୁର ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ମହେଶ ଯାଦବ ନାମକ ବ୍ୟକ୍ତି ଅନ୍ୟ ଦୁଇଜଣଙ୍କ ସହ ମିଶି ଗୋରୁ ଚୋରି ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ମହେଶଙ୍କୁ ଧରି ନିର୍ଘୃମ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମହେଶ ପୂର୍ବରୁ ଏକାଧିକ ଗୋରୁ ଚୋରିରେ ସମ୍ପୃକ୍ତ ଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ପିଟି ମାରିବା ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆଝାରଙ୍କ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**ଇସଲାମାବାଦ,୩।୫(ପି.ଟି.):** ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କୁ ଜାତିସଂଘ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପରେ ପାକିସ୍ତାନ ସରକାର ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହିତ ତାଙ୍କର ଭ୍ରମଣ ଉପରେ ମଧ୍ୟ ନିଷିଦ୍ଧାଦେଶ ଜାରି ହୋଇଛି। ସେ ଅସ୍ତ୍ରଶସ୍ତ୍ର ଏବଂ ଗୋଳିଗୋଳା ବିକ୍ରି କିମ୍ବା ଖର୍ଦ୍ଦି କରିପାରିବେ ନାହିଁ। ୪୯ ସିଆରପିଏଫ ଯବାନ ଶହୀଦ ହୋଇଥିବା ପୁଲୱାମା ଆକ୍ରମଣ ପାଇଁ ଜେଇଏମ ନିଜକୁ ଦାୟୀ କରିଥିଲା।

# ଫନୀ ଗର୍ଜନରେ ଯାଜପୁର ବେହାଲ

- ଗଛ ପଡ଼ି ୩ ଜଣଙ୍କ ମୃତ୍ୟୁ
- ଯୋଗାଯୋଗ ବିଚ୍ଛିନ୍ନ, ୯୬,୧୫୬ ଲୋକଙ୍କୁ ଉଦ୍ଧାର

**ଯାଜପୁର ଅଫିସ, ୩।୫**

ଯାଜପୁର ଜିଲାରେ ବାତ୍ୟା ଫନୀର ପ୍ରଭାବ ଦେଖିବାକୁ ମିଳିଛି। ପବନର ଗର୍ଜନରେ ସମଗ୍ର ଜିଲା ଏକ ପ୍ରକାର ବେହାଲ ହୋଇଯାଇଛି। ଫନୀ ଧର୍ମଶାଳା, ରସୁଲପୁର, ଯାଜପୁର ରୋଡ, ଢୁବୁରୀ, ବ୍ରାହ୍ମଣୀପାଳ, ଆନନ୍ଦପୁର ଦେଇ ଅତିକ୍ରମ କରିଥିଲା। ଏହି ସମୟରେ ଘଣ୍ଟାକୁ ପ୍ରାୟ ୧୫୦ ରୁ ୧୫୫ କି.ମି. ବେଗରେ ପବନ ବହି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବାତ୍ୟାରେ ଗଛ ପଡ଼ି ୩ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ସୂଚନା ମିଳିଛି। ଯାଜପୁର ତହସିଲ ଅଧୀନସ୍ଥ ସୁଜନପୁର ଗ୍ରାମର କଳ୍ପତରୁ ପରମାଣିକ, ବିଞ୍ଝାରପୁର ତହସିଲ ଅନ୍ତର୍ଗତ କଣ୍ଟିପୁର ଗ୍ରାମର ଗୌରାଙ୍ଗ ଦାସ (୫୫) ଓ କୋରେଇ ବ୍ଲକ ମୁକୁନ୍ଦପୁର ତଳସାହି ଗ୍ରାମର ବାବାଜି ଖଟୁଆ (୭୦)ବୋଲି ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳର ୨୬ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ୫୯୯ଟି ନୋଡ଼ାଲ ସେଣ୍ଟରରେ ୯୬ହଜାର ୧୫୬ଜଣଙ୍କୁ ରଖାଯାଇଛି। ୬୦୬ କିଚେନ ସେଣ୍ଟରରେ ରନ୍ଧାଖାଦ୍ୟ ପ୍ରସ୍ତୁତ କରାଯାଇ ୬୨,୪୩୫ଜଣଙ୍କୁ ବିତରଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୨,୭୦୯ ବୟସ୍କ ଓ ୯,୭୨୬ ଶିଶୁ ବୋଲି ସୂଚନା ମିଳିଛି। ଆରଡିସି ଅନୀଲ କୁମାର ସାମଲ ଓ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପୂର୍ବାହ୍ନରେ ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକରେ ପହଞ୍ଚି ବାତ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ।

# କାଣ୍ଡ ପଡ଼ି ୨ ମୃତ

**ନୟାଗଡ଼/ କଣ୍ଟାପଡା, ୩।୫ (ଡି.ଏନ୍.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଖମାର ସାହି ଏବଂ କଟକ ଜିଲା କଣ୍ଟାପଡା ବ୍ଲକ ଅଧୀନ କଣ୍ଟାପଡା ଗ୍ରାମରେ କାଣ୍ଡ ପଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖମାର ସାହିର ସୁଷମା ପରିଡ଼ା(୩୦) ଏବଂ କଣ୍ଟାପଡ଼ା ଗ୍ରାମର ପ୍ରଦୀପ୍ତ ପ୍ରଧାନ(୪୩)। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସୁଷମା ବାରିପଟକୁ ଯାଉଥିବାବେଳେ ତାଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦାପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କଣ୍ଟାପଡ଼ା ଗ୍ରାମର ପ୍ରଦୀପ୍ତ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଘରଠାରୁ ପ୍ରାୟ ୧ କିମି ଦୂର ଗୁହାଳକୁ ଗାଈ ଦେଖିବାକୁ ଯାଇଥିଲେ। ତେବେ ସେଠାରେ ତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା। ବାତ୍ୟାର ପ୍ରକୋପ କମିବା ପରେ ସେ ଘରକୁ ନ ଫେରିବାରୁ ଘର ଲୋକେ ସେଠାକୁ ଯାଇ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ।

# ଅନୁଗୋଳରେ ଜନଜୀବନ ଅସ୍ତବ୍ୟସ୍ତ

- ୩ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର
- ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବ୍ୟାହତ
- ଭୋକିଲାଙ୍କୁ ଶୁଖିଲା ଖାଦ୍ୟ ଦେଲା ପ୍ରଶାସନ

**ଅନୁଗୋଳ ଅଫିସ/ ବଅଁରପାଳ/ ବନ୍ତଲା/ ତାଳଚେର/ ଛେଣ୍ଡିପଦା, ୩।୫(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ଶୁକ୍ରବାର ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ସହ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ସକାଳୁ ଆରମ୍ଭ ହୋଇଥିବା ଝିପି ଝିପି ବର୍ଷା ଅପରାହ୍ନରେ ସ୍ଥିତିକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଥିଲା। ମୂଷଳ ଧାରାରେ ବର୍ଷିବା ସହ ପବନ ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ କେଉଁଠାରେ ଧନଜୀବନ କ୍ଷୟକ୍ଷତି ଘଟିଥିବାର ସୂଚନା ମିଳି ନ ଥିଲେ ବି ଫନୀ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଥିବା ଜଣାପଡ଼ିଛି।

ଫନୀର ପ୍ରଭାବ ଅନୁଗୋଳ ଜିଲାରେ ପଡ଼ିବ ବୋଲି ଆଗରୁ ସ୍ପଷ୍ଟ ହୋଇଯାଇଥିଲା। ସେଥିପାଇଁ ଜିଲାକୁ ରେଡ୍ ଜୋନ୍‌ରେ ରଖାଯାଇଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ମଧ୍ୟ କରାଯାଇଥିଲା। ବିଶେଷକରି ଜିଲାର ଖାଲୁଆ ଅଞ୍ଚଳରୁ ଅସୁରକ୍ଷିତ ଭାବେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦିଆଯାଇଥିଲା। ବନ୍ତଲା ଅଞ୍ଚଳରୁ ମୋଟ୍ ୨୦୨୩ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ନିଆଯାଇଥିଲା। ପୁରୁଣାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଟିଆସାହି ପଞ୍ଚାୟତର ୧୫୦ଜଣ, ଗଡ଼ତରାଶ ସ୍କୁଲରେ ୨୫୦, ବଡ଼କନ୍ତକୁଳ ସ୍କୁଲରେ ୨୫୦, ଛେଳିଆପଡ଼ା ସ୍କୁଲରେ ୫୫, ଅଙ୍ଗାରବନ୍ଧ ସ୍କୁଲରେ ୮ ପରିବାର, ବଡ଼କେରାରେ ୧୫ ଜଣ, ଟାଇଁସି ସ୍କୁଲରେ ୨୩୦ଜଣ, କୋଠଭୂଇଁ ସ୍କୁଲରେ ୨୧୬ଜଣ, ଅନ୍ତୁଳିଆ ସ୍କୁଲରେ ୪୫ଜଣ, କାଙ୍ଗୁଲା ବେନ୍ତପୁର ସ୍କୁଲରେ ୬୬୬, ଧକୁଟା ସ୍କୁଲରେ ୭୦, ନନ୍ଦପୁରରେ ୨୧, ଶଙ୍ଖପୁର ପଞ୍ଚାୟତ ଖାଲଗାଁ ସ୍କୁଲରେ ୨୩ଜଣଙ୍କୁ ରଖାଯାଇଛି। ପ୍ରଶାସନ ପକ୍ଷରୁ ଏଠାରେ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରାଯାଇଥିଲେ ବି ଅନେକ ସ୍ଥାନରେ ତାହା ଲୋକଙ୍କ ନିକଟରେ ପହଞ୍ଚି ନ ଥିବା ଅଭିଯୋଗ ହେଉଛି। ସେହିପରି ଦୁର୍ଗମ ଅଞ୍ଚଳରେ ଥିବା ଗର୍ଭବତୀମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଉଛି। ବଅଁରପାଳ ବ୍ଲକର ୧୩ ପଞ୍ଚାୟତର ୧୭ ଗାଁର ୭୮୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଜରଡ଼ା ଗ୍ରାମର ୪ଜଣ, ତୁଳସୀପାଳ ଗାଁର ୫୦ଜଣ, ବଉଳିଗଡ଼ ପଞ୍ଚାୟତ ଜୁହାରପୁରରୁ ୭୦ଜଣ, କେନ୍ଦୁଗାଡ଼ିଆର ୪୦, କଞ୍ଚରା ପଞ୍ଚାୟତ ଅଞ୍ଚଳର ୨୦୮, କୁମଣ୍ଡ ପଞ୍ଚାୟତର ୨୫, ବଳରାମପ୍ରସାଦ ଅଞ୍ଚଳର ୪୦, କୁକୁଡାଙ୍ଗ ପଞ୍ଚାୟତର ୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଛେଣ୍ଡିପଦା ଅଞ୍ଚଳରେ ମଧ୍ୟ ଫନୀର ପ୍ରଭାବ ଦେଖିବାକୁ ମିଳିଛି। ସକାଳେ ଏଠାରେ ୫୦ରୁ ୬୦ କିମି ବେଗରେ ପବନ ବହୁଥିବା ବେଳେ ଅପରାହ୍ନରେ ଏହା ଅଧିକ ବଢ଼ିଯାଇଥିଲା। ସେହିପରି ବର୍ଷା ଯୋଗୁ ଯାତାୟତ ଏକପ୍ରକାର ଠପ୍ ହୋଇଯାଇଥିଲା। ହଜାର ହଜାର ଚାଷୀଙ୍କ ଖରାଟିଆ ଫସଲ ବର୍ଷା, ପବନରେ ଉଜୁଡ଼ି ଯାଇଥିବା ବେଳେ ବହୁ ଚାଳଛପର ଓ ଆଜବେଷ୍ଟସ ଘର ଛପର ଉଡ଼ିଯାଇଥିବା କୁହାଯାଉଛି। ତାଳଚେର ଓ କଣିହାଁ ବ୍ଲକ ଅଞ୍ଚଳରେ ମଧ୍ୟ ଫନୀର ପ୍ରଭାବ ଦେଖିବାକୁ ମିଳିଥିଲା। ବର୍ଷା ସହ ପବନ ଯୋଗୁ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା। କଣିହାଁ ବ୍ଲକ ହରିହରପୁର ପଞ୍ଚାୟତର କେତେଜଣ ମାଙ୍କିଡ଼ିଆ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଶାସନ ଯୋଗାଇ ଦେଇଥିବା ବେଳେ ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ଯାତ୍ରୀଙ୍କୁ ରେଳ ଷ୍ଟେଶନରେ ପହଞ୍ଚାଯାଇଥିଲା। ତେବେ ସନ୍ଧ୍ୟାରେ ଫନୀର ପ୍ରଭାବ ଧୀରେ ଧୀରେ ହ୍ରାସ ପାଇବା ପରେ ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା।



ବଅଁରପାଳ ବ୍ଲକ୍‌ର ଏକ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ଅଣାଯାଇଛି।





## ଗଞ୍ଜାମରେ ବ୍ୟାପକ କ୍ଷୟକ୍ଷତି

**ଗଞ୍ଜାମ, ୩।୫ (ଡି.ଏନ୍.ଏ.):** ବାତ୍ୟା 'ଫନୀ'ପ୍ରଭାବରେ ଗଞ୍ଜାମ ଜିଲାରେ ଗୁରୁବାରଠାରୁ ବର୍ଷା, ପବନ ଆରମ୍ଭ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ବାତ୍ୟା ପୁରୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁଥିଲେ ମଧ୍ୟ ଗଞ୍ଜାମ ଜିଲାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଅଶାନ୍ତ ସମୁଦ୍ର କୂଳ ଲଂଘିଥିବା ବେଳେ ପ୍ରବଳ ବର୍ଷା, ପବନ ଯୋଗୁ ବ୍ୟାପକ କ୍ଷତି ହୋଇଛି। ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବା ବେଳେ ବହୁ ଘରର ଛପର ଉଡ଼ିଯାଇଛି। ଗଞ୍ଜାମ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ମଧ୍ୟ ଏଭଳି କ୍ଷତି ହୋଇଛି। ସହରସ୍ଥିତ ଶିଶୁ ମନ୍ଦିରର ଆଜବେଷ୍ଟସ୍ ଉଡ଼ାଇ ନେଇଛି। ପୁଣ୍ଡିତୋଳା ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୪ ଦୋକାନର ଟିଣ ଉଡ଼ାଇ ନେବାରୁ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଛି। ବଡ଼ ବଜାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ବ୍ଲକ ଅନ୍ତର୍ଗତ ପାଣିବନ୍ଧ କାଠଗଡ଼ାରେ ଏକ ଫାର୍ମରେ ପ୍ରାୟ ୧ ହଜାର କୁକୁଡ଼ା ମରିଯାଇଛନ୍ତି। ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି।

# ଉପୁଡ଼ିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

**ଖୋର୍ଦ୍ଧା ଅଫିସ, ୩।୫:** ସାମୁଦ୍ରିକ ଝଡ ଫନୀର ପ୍ରଭାବରେ ଶୁକ୍ରବାର ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଚାଳ, ଆଜବେଷ୍ଟସ ଓ ଟାଇଲ ଘର ଭାଙ୍ଗି ପଡିଛି। ବଡ଼ ବଡ଼ ଗଛ ଉପୁଡି ରାସ୍ତା ଉପରେ ପଡି ରହିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟି ରାସ୍ତା ଉପରେ ପଡି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ବିଦ୍ୟୁତ୍ ସରବାରହ ଗୁରୁବାର ରାତିରୁ ବନ୍ଦ ରହିଛି। ଫଳରେ ଖୋର୍ଦ୍ଧା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅନ୍ୟପକ୍ଷରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ମକୁନ୍ଦପ୍ରସାଦଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ, ଚଣ୍ଡୀଚୁଆ ରାସ୍ତା, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ରାସ୍ତା, ଟାଙ୍ଗିଆପଡ଼ା, ତାପଙ୍ଗ, କାଇପଦର, ବାଣପୁର, ଚିଲିକା, ଜଟଣୀ, ବେଗୁନିଆ, ବୋଲଗଡ ଅଞ୍ଚଳରେ ଶତାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ଖୋର୍ଦ୍ଧା ସହରର ବଜାରରେ ୨ ଶହରୁ ଊର୍ଦ୍ଧ୍ୱ ଦୋକାନ ଘର ଭାଙ୍ଗି ପଡ଼ିଛି। ବଡ଼ ଗଛ ପଡ଼ି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଇଗଲ କ୍ଲବ ଛକ, ଶ୍ରୀରାମନଗରକୁ ସଂଯୋଗ କରୁଥିବା ରାସ୍ତା ଓ ନୟାଗଡ ରୋଡ, ଖୋର୍ଦ୍ଧା ଆଦର୍ଶ ଥାନା ସମ୍ମୁଖ ପଲ୍ଲା ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗି ଯାଇଛି। ସେହିପରି ଖୋର୍ଦ୍ଧା ସହରର ବିଭିନ୍ନ ୱାର୍ଡ, ଖୋର୍ଦ୍ଧା ବ୍ଲକର ବିଭିନ୍ନ ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ଗଛ ରାସ୍ତାରେ ପଡ଼ି ରାସ୍ତା ଅବରୋଧ ହୋଇଥିଲା। କେତେଜଣ ଲୋକେ ଗଛ କାଟି ରାସ୍ତା ସଫା କରିଥିବା ବେଳେ ଅଗ୍ନିଶମ ଓ ପୋଲିସ ବିଭାଗର କର୍ମଚାରୀମାନେ ପହଞ୍ଚି ଗଛ କାଟି ସଫା କରିଛନ୍ତି। ଟାଙ୍ଗିଆପଡ଼ା ପଞ୍ଚାୟତ ଅରାଙ୍ଗ ୟୁପି ସ୍କୁଲର ଆଜବେଷ୍ଟସ ପବନ ଉଡାଇ ନେଇଛି। ସହରରେ ବିଦ୍ୟୁତ୍ ସେବା ବନ୍ଦ ହେବା ଦ୍ୱାରା ଟେଲିଫୋନର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି।

# ଢେଙ୍କାନାଳରେ ବ୍ୟାପକ କ୍ଷତି

- ୬ଘଣ୍ଟା ଧରି ଚରିଲା ତାଣ୍ଡବ
- ଗଁଦିଆ ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ
- ୩୦୦୦ ହେକ୍ଟର ଚାଷ ଉଜୁଡ଼ିଲା
- ବାତ୍ୟାବେଳେ ଜନ୍ମହେଲେ ୫୨ ଶିଶୁ

**ଢେଙ୍କାନାଳ ଅଫିସ୍/କାମାକ୍ଷାନଗର/ ପରଜଙ୍ଗ(ଡି.ଏନ୍.ଏ.), ୩।୫**

ପ୍ରଳୟଙ୍କରୀ ବାତ୍ୟା 'ଫନୀ' ଢେଙ୍କାନାଳ ଜିଲାରେ ବ୍ୟାପକ କ୍ଷତି କରିଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଯାଏ ଦୀର୍ଘ ୬ଘଣ୍ଟା ଧରି ବାତ୍ୟାର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ହଜାର ହଜାର ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ତାର ଛିଣ୍ଡି ବିଦ୍ୟୁତ୍, ଟେଲିଫୋନ ସେବା ବ୍ୟାହତ ହେବା ସହ ଗମନାଗମନ ମଧ୍ୟ ପ୍ରଭାବିତ ହୋଇଛି।

ସକାଳୁ ସକାଳୁ ଢେଙ୍କାନାଳରେ ବାତ୍ୟାର ପ୍ରଭାବ ଦେଖିବାକୁ ମିଳିଥିଲା। ପୁରୀରେ ଲ୍ୟାଣ୍ଡଫଲ୍ କରିବା ପରେ ଧୀରେ ଧୀରେ ଉଗ୍ରରୂପ ଧାରଣ କରିଥିଲା ଫନୀ। ଏହାର ପ୍ରଭାବରେ ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ପବନର ବେଗ ବଢ଼ିଥିଲା। ପରବର୍ତ୍ତୀ ସମୟରେ ଏହା ଘଣ୍ଟା ପ୍ରତି ୧୦୦ କିମିକୁ ଛୁଇଁଥିଲା। ଏହାର ପ୍ରଭାବରେ ଜିଲା ସିଭିଲକୋର୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟରାସ୍ତା, କୁଞ୍ଜକାନ୍ତ, ଲଳିତ ନଗର, ଗୁଡ଼ିଆନାଳୀ, ଅମଳାପଡ଼ା, ଦେଉଳସାହି, ଭଗବାନପୁର, ଭାଗୀରଥି ସାଗର ରାସ୍ତା ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ଶତାଧିକ ଗଛ ଧରାଶାୟୀ ହୋଇଛି। ହୋର୍ଡିଂ, ଟ୍ରାଫିକ୍ ପୋଷ୍ଟ, ଆଜବେଷ୍ଟସ, ଟିଣ ଭାଙ୍ଗି ରାସ୍ତାରେ ପଡ଼ିଛି। ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ଅନେକ ପରିବାରର ଛପର ଉଡ଼ିଯାଇଛି। ପବନ ମାଡ଼ରେ ଜିଲା ମୁଖ୍ୟ ଚିକିତ୍ସାଳୟର କାଚ ଭାଙ୍ଗିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷା ପାଣି ପଶିଛି। ଢେଙ୍କାନାଳ-କପିଳାସ ରାସ୍ତାର ୪ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶରେ ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ପୂର୍ତ୍ତ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି। ସପ୍ତଶଯ୍ୟା ଅଞ୍ଚଳରେ ୨୦ଜଣ ଶ୍ରମିକ ବାତ୍ୟା ସମୟରେ ଫସି ରହିଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି।

ପ୍ରବଳ ବର୍ଷାପବନରେ ୩୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିର ଫସଲ ନଷ୍ଟ ହୋଇଯାଇଛି। ସବୁଠାରୁ ବେଶି କ୍ଷତି ସହିଛି ଗଁଦିଆ ବ୍ଲକ। ସେହିପରି ସିଗ୍‌ନାଲ ପଏଣ୍ଟ ସମସ୍ୟା ଯୋଗୁ ରେଳ ଚଳାଚଳ ପ୍ରଭାବିତ ହୋଇଛି। ଢେଙ୍କାନାଳ-ରାଜଆଠଗଡ଼ ରେଳ ଧାରଣାରେ ଗଛ ଭାଙ୍ଗି ପଡ଼ିଛି। ଏହାକୁ ହଟାଇବାକୁ ଉଦ୍ୟମ ଜାରି ରହିଛି। ଜିଲାର ୧୬୫ ସୁରକ୍ଷିତ ଆଶ୍ରୟସ୍ଥଳରେ ୧୨ହଜାର ୧୧୪ଜଣଙ୍କୁ ରଖାଯାଇଛି। ୧୫୨ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶୁକ୍ରବାର ୫୨ଜଣ ପ୍ରସବ କରିଛନ୍ତି। ମା' ଏବଂ ନବଜାତକ ସୁସ୍ଥ ଅଛନ୍ତି। ଗଛ କାଟିବା ଏବଂ ଜରୁରିକାଳୀନ ସମୟରେ ସହାୟତାର ହାତ ବଢ଼ାଇବାକୁ ଅଗ୍ନିଶମ ବିଭାଗର ୬ଟି ଟିମ୍ ଏବଂ ଗୋଟିଏ ଏନ୍‌ଡିଆର୍‌ଏଫ୍ ନିୟୋଜିତ ହୋଇଛନ୍ତି।

'ଫନୀ' ପ୍ରଭାବରେ ପରଜଙ୍ଗ ବ୍ଲକରେ ମୁଷଳଧାରାରେ ବର୍ଷା ହୋଇଛି। ପବନର ବେଗ କମ୍ ରହିଥିଲେ ମଧ୍ୟ ମାତ୍ରାଧିକ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୬୩୨ଜଣଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା ବିଡିଓ ବସନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। କାମାକ୍ଷାନଗର ବ୍ଲକ ବାତ୍ୟାରେ ପ୍ରଭାବିତ ହୋଇଛି। କାମାକ୍ଷାନଗର ସଦର ସମେତ ବାଇସିଙ୍ଗା, ବରୁଆଁ (କା) ଏବଂ ସୋଗର ପଞ୍ଚାୟତରେ ଅନେକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ବାତ୍ୟା ପରବର୍ତ୍ତୀ ମୁକାବିଲା ଜୋର୍‌ସୋରରେ ଆରମ୍ଭ ହୋଇଛି।

୨୪ ଶିବିରରେ ୫୨୬ଜଣଙ୍କୁ ରଖାଯାଇ ଶୁଖିଲା ଏବଂ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବିଡିଓ ଜ୍ୟୋତିଶଙ୍କର ସାହୁ ସୂଚନା ଦେଇଛନ୍ତି। ଜିଲାରେ ବାତ୍ୟା ପ୍ରଭାବରେ ଭୀଷଣ ବର୍ଷା ହୋଇଛି। ହାରାହାରି ୮୯.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗଁଦିଆରେ ସର୍ବାଧିକ ୧୯୪.୦ମିମି ଏବଂ କଙ୍କଡ଼ାହାଡ଼ରେ ସର୍ବନିମ୍ନ ୩୩.୬ ମିମି ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏ ନେଇ ଜିଲାପାଳ କୁହନ୍ତି, ଜିଲାର ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଢେଙ୍କାନାଳ ସହରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବାକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରାଯାଉଛି। ଜିଲାର ଅନ୍ୟ ବ୍ଲକଗୁଡ଼ିକର ସ୍ଥିତି ଉପରେ ନଜର ରଖାଯାଇଛି। ଦିନେ ଦୁଇଦିନ ମଧ୍ୟରେ ପରିସ୍ଥିତିରେ ସୁଧାର ଆଣିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଥିବା ସେ ସୂଚନା ଦେଇଛନ୍ତି।



ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଗଛ ଉପୁଡ଼ି ପଡ଼ିଛି।

## ୨୦ ବର୍ଷ ପରେ ସେହି ଶୁକ୍ରବାର

ମହାବାତ୍ୟା ୨୯ ଅକ୍ଟୋବର ୧୯୯୯ ଶୁକ୍ରବାର ଆସି ଉପକୂଳ ଓଡ଼ିଶାରେ ଧ୍ୱଂସଲୀଳା ରଚିଥିଲା। ପୂର୍ବାହ୍ନରୁ ସୁ ସୁ ପବନ ବହିବା ଆରମ୍ଭ ହୋଇ ଅପରାହ୍ନରେ ଉଗ୍ରରୂପ ଧାରଣ କରିଥିଲା। ୨୦ ବର୍ଷ ପରେ ୩ ମେ ୨୦୧୯ ସେହି ଶୁକ୍ରବାର ପୂର୍ବାହ୍ନରୁ ପୁରୀରେ ଫନୀ ଲ୍ୟାଣ୍ଡଫଲ୍ କରି ମଧ୍ୟାହ୍ନ ପରେ ରଚାଇଛି ତାଣ୍ଡବଲୀଳା। ମହାବାତ୍ୟା ଗତ ଶତାବ୍ଦୀର ଶେଷଭାଗରେ ବିପର୍ଯ୍ୟୟ ଆଣି ଲୋକଙ୍କ ମନରେ ଅଦ୍ୟାବଧି ଶଙ୍କାର ଯେଉଁ ଚିତ୍ର ସୃଷ୍ଟି କରିଥିଲା, ତା'ଠୁ ବଳିଯାଇଛି ଫନୀ। ସେତେବେଳେ ଜଗତ୍‌ସିଂହପୁର ଜିଲାରେ ମହାବାତ୍ୟା ସର୍ବାଧିକ ଧନଜୀବନ ହାନି ଘଟାଇଥିବାବେଳେ ଏବେ ରାଜଧାନୀ ସମେତ ପୁରୀ, କଟକ ଓ ଉପକୂଳ ଅଞ୍ଚଳରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ଫନୀର...

ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୋପାଳପୁରରେ ୧୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧୩.୯, ପାରାଦୀପ, ଚାନ୍ଦବାଲି, ବାଲେଶ୍ୱରରେ ୩ ସେଣ୍ଟିମିଟର ଲେଖାଏ ବର୍ଷା ରେକର୍ଡ କରାଯାଇଛି। ବାତ୍ୟା ଥମି ଯାଇଥିଲେ ମଧ୍ୟ କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ୧୫୦ରୁ ୨୦୦ ମିଲିମିଟର ବର୍ଷା ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ଏହି ସବୁ ଜିଲାକୁ ମଧ୍ୟ ରେଡ୍ ଆଲର୍ଟ କରାଯାଇଛି। ବାତ୍ୟା ଯୋଗୁ କେତେକ ଜିଲାରେ ଏକାଧିକ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ଖବର ମିଳିଛି।

ବାତ୍ୟା ପରେ ଯୁଦ୍ଧକାଳୀନଭିତ୍ତିରେ ପୁନରୁଦ୍ଧାର ଓ ମରାମତି ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିପଦଗ୍ରସ୍ତ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖିବା ସହ ସେମାନଙ୍କ ପାଇଁ ଖାଦ୍ୟ ପାନୀୟ ବନ୍ଦୋବସ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ୩୦ଟି ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ପୁରୀ, ଖୋର୍ଦ୍ଧା, ନୟାଗଡ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାରେ ଉଦ୍ଧାର ଓ ମରାମତି କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀ- ରାଜସ୍ଥାନ ମୁକାବିଲା ଆଜି

## ଆଇପିଏଲ୍- ୧୨

ନୂଆଦିଲ୍ଲୀ, ୩।୫(ପି.ଟି.)

ସ୍ଥାନୀୟ ଫିରୋଜ ଶାହା କୋଟଲା ଷ୍ଟାଡିୟମରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ। ଘରୋଇ ପରିବେଶରେ ଦିଲ୍ଲୀ ତା'ର ଶେଷ ମ୍ୟାଚ୍ ଖେଳିବ। ଯୁବ ଖେଳାଳିଙ୍କୁ ନେଇ ଗଠିତ ଦିଲ୍ଲୀ ଦୃଢଭାବେ ପ୍ରତ୍ୟାବର୍ତ୍ତନ କରିବ ବୋଲି ଦଳର ହେଡ୍ କୋଚ୍ ରିକି ପଣ୍ଟିଂ କହିଛନ୍ତି। ଯୁବ ଦ୍ରୁତ ବୋଲର କାଗିସୋ ରାବାଡ଼ାଙ୍କ ଅନୁପସ୍ଥିତି ଫରକ ଆଣିବ ବୋଲି ସେ ସ୍ୱୀକାର କରିଛନ୍ତି। ଏହା ଆମ ଦଳ ପାଇଁ ବଡ଼ କ୍ଷତି ବୋଲି ପଣ୍ଟିଂ ସ୍ୱୀକାର କରିଛନ୍ତି। ତେବେ ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ଦ୍ରୁତ ବୋଲର ଦଳରେ ସାମିଲ ହୋଇଛନ୍ତି। ଫଳରେ ଦଳ ବୋଲିଂରେ ଭଲ ପ୍ରଦର୍ଶନ କରିବ। ଗତ ସଂସ୍କରଣରେ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ଉଇକେଟ ହାସଲ କରିଥିଲେ। ଚଳିତ ସଂସ୍କରଣରେ ବୋଲ୍ଟ ଦୁଇଟି ମ୍ୟାଚ୍ ଖେଳି ୭୯ ରନ ବ୍ୟୟ କରିଥିଲେ। ତେବେ ବୋଲ୍ଟଙ୍କୁ ପଣ୍ଟିଂ ସମର୍ଥନ ଜଣାଇଛନ୍ତି। ନୂଆ ବଲରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରିବେ। ଏବେ ଡେଥ୍ ବୋଲିଂ ସ୍କିଲ୍ ଉପରେ ଆମେ ଅଧିକ ଧ୍ୟାନଦେବୁ। ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇଥିଲେ ମଧ୍ୟ ଦିଲ୍ଲୀ ପାଇଁ ପ୍ରତ୍ୟାବର୍ତ୍ତନ କରିବାକୁ ସେତେଟା କଷ୍ଟ ହେବନାହିଁ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। କ୍ରିକେଟର ମୌଳିକତାକୁ ଗୁରୁତ୍ୱ ଦେବାକୁ ଖେଳାଳିଙ୍କୁ ପରାମର୍ଶ ଦେଇଛି ବୋଲି ସେ କହିଛନ୍ତି। ତେଣୁ ଶନିବାର ଦଳ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିବ। ପଏଣ୍ଟ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବାକୁ ହେଲେ ଏହି ମ୍ୟାଚ୍‌ରେ ଦିଲ୍ଲୀକୁ ବିଜୟୀ ହେବାକୁ ପଡିବ। ବିଜୟୀ ହେବା ପାଇଁ ଦିଲ୍ଲୀ ପାଖରେ ଦକ୍ଷତା ରହିଛି । ତେବେ ସବୁ ମ୍ୟାଚ୍‌ରେ ବିଜୟୀ ହେବା ନିଶ୍ଚିତ ଭାବେ କଷ୍ଟକର। ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ଓ ଏହା ରୋମାଞ୍ଚକ ହେବ ବୋଲି ପଣ୍ଟିଂ ସ୍ୱୀକାର କରିଛନ୍ତି। ୨୪ ବର୍ଷୀୟ ଶ୍ରେୟାସ ଦଳର ନେତୃତ୍ୱ ଦାୟିତ୍ୱ ଠିକ୍ ରୂପେ ତୁଲାଉଛନ୍ତି। ଜଣେ ଖେଳାଳି ଓ ଅଧିନାୟକ ହିସାବରେ ସେ ଉନ୍ନତି କରୁଛନ୍ତି। ଶ୍ରେୟାସ ପୂର୍ବରୁ ମୁମ୍ବାଇ ଓ ଭାରତ ଏ' ଦଳର ନେତୃତ୍ୱ ନେଇ ଯଥେଷ୍ଟ ଅଭିଜ୍ଞତା ହାସଲ କରିଛନ୍ତି। ଏହି ଅଭିଜ୍ଞତା ଏବେ କାମ ଦେଉଛି। ଗତ ସେସନର ଠିକ୍ ଏହି ସମୟର ଏକ ବର୍ଷାବାଧାପ୍ରାପ୍ତ ମ୍ୟାଚ୍‌ରେ ଦିଲ୍ଲୀ ୪ ରନରେ ଡକ୍‌ୱର୍ଥ-ଲୁଇସ୍ ନିୟମରେ ବିଜୟୀ ହୋଇଥିଲା। ଘରୋଇ ଦଳ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ୧୭.୧ ଓଭରରେ ୬ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରିଷଭ ପନ୍ତ ୨୯ ବଲରୁ ୬୯, ଆୟାର ୩୫ ବଲରୁ ୫୦ ରନ ସଂଗ୍ରହ କରିଥିଲେ। ଜବାବରେ ରାଜସ୍ଥାନ ୧୨ ଓଭରରେ ୫ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଦିଲ୍ଲୀ ତରଫରୁ ଜୋସ ବଟଲର ୨୬ ବଲରୁ ଧୂଆଁଧାର ୬୭ ରନ କରିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ଦିଲ୍ଲୀ ତରଫରୁ ଟ୍ରେଣ୍ଟ ବୋଲ୍ଟ ୨୬ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ଦିଲ୍ଲୀ ଓ ରାଜସ୍ଥାନ ଏପର୍ଯ୍ୟନ୍ତ ପରସ୍ପରକୁ ୧୯ଥର ଭେଟିଛନ୍ତି। ଏଥିରୁ ରାଜସ୍ଥାନ ୧୧ ଓ ଦିଲ୍ଲୀ ୮ଟିରେ ବିଜୟୀ ହୋଇଛି। ରାଜସ୍ଥାନ ପଏଣ୍ଟ ତାଲିକାର ଅପେକ୍ଷାକୃତ ନିମ୍ନରେ ଥିବାରୁ ଦିଲ୍ଲୀ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଅନ୍ୟପଟେ ରାଜସ୍ଥାନ ବିଜୟୀ ହୋଇ ଆତ୍ମବିଶ୍ୱାସ ଫେରିପାଇବା ଲକ୍ଷ୍ୟରେ ରହିଛି।


ଶ୍ରେୟାସ ଗୋପାଳ

# ପ୍ଲେ-ଅଫ୍ ଲକ୍ଷ୍ୟରେ ସନ୍‌ରାଇଜର୍ସ

ବେଙ୍ଗାଲୁରୁ, ୩।୫(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୧୩ ମ୍ୟାଚରୁ ମାତ୍ର ୯ ପଏଣ୍ଟ ପାଇଥିବାରୁ ରୟାଲ ଚ୍ୟାଲେଞ୍ଜର୍ସର ପ୍ଲେ-ଅଫ୍ ଆଶା ଧୂଳିସାତ୍ ହୋଇସାରିଛି। କେବଳ ଔପଚାରିକତା ଦୃଷ୍ଟିରୁ ଏହି ଦଳ ଆଗାମୀ ମ୍ୟାଚ ଖେଳିବାକୁ ଯାଉଛି। ଅନ୍ୟପକ୍ଷରେ ୧୩ ମ୍ୟାଚରୁ ୧୨ ପଏଣ୍ଟ ପାଇଥିବାରୁ ସନ୍‌ରାଇଜର୍ସର ଆଶା ଏବେ ମଧ୍ୟ ଉଜ୍ଜୀବିତ ରହିଛି। ରୟାଲ ଚ୍ୟାଲେଞ୍ଜର୍ସକୁ ହରାଇ ଏହି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ ଆଶା ରଖିଛି।

ଗୁରୁବାର ରାତିରେ ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ ସୁପର ଓଭରରେ ପରାଜୟ ଦଳକୁ ଚିନ୍ତାରେ ପକାଇଛି। ଏହି ମ୍ୟାଚରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିବାବେଳେ ସନ୍‌ରାଇଜର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏଥିରେ ହାଇଦ୍ରାବାଦ ୬ଟି ବଲ୍ ଖେଳି ନ ପାରି ମାତ୍ର ୪ଟି ବଲ୍‌ରେ ୨ ଉଇକେଟ ହରାଇ ୮ ରନ କରିଥିଲା। ଜବାବରେ ମୁମ୍ବାଇ ୩ ବଲ୍‌ରୁ ୯ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା। ଫଳରେ ୧୩ ମ୍ୟାଚରୁ ୧୬ ରନ ସଂଗ୍ରହ କରି ମୁମ୍ବାଇ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ୫୮ଟି ବଲ୍ ଖେଳିଥିବା କ୍ୱିଣ୍ଟନ ଡି'କକ୍ ୬ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୬୯ ରନ କରି ଅପରାଜିତ ରହିଥିଲେ। ଅଧିନାୟକ ରୋହିତ ଶର୍ମା ୧୮ ବଲ୍‌ରୁ ୨୪(୫ ଚୌକା), ସୂର୍ଯ୍ୟକୁମାର ଯାଦବ ୧୭ ବଲ୍‌ରୁ ଦ୍ରୁତ ୨୩(୩ ଚୌକା, ୧ ଛକା) ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ଅହମଦ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୧୬୩ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ରିଦ୍ଧିମାନ ଶାହ (୨୫ ରନ)ଓ ମାର୍ଟିନ ଗୁପ୍‌ଟିଲ(୧୫)ଙ୍କ ଓପନିଂ ଯୋଡ଼ିରେ ୨୪ ବଲ୍‌ରୁ ୪୦ ରନ ସଂଗ୍ରହ କରି ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ମିଡଲ ଅର୍ଡରରେ ମନୀଷ ପାଣ୍ଡେ ଓ ମହମ୍ମଦ ନବି ଲଢୁଆ ବ୍ୟାଟିଂ କରିଥିଲେ ହେଁ ଦଳକୁ ଜିତାଇ ପାରି ନ ଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶେଷ ବଲ୍‌କୁ ମନୀଷ ଛକାରେ ପରିଣତ କରିବାରୁ ମ୍ୟାଚ ଟାଇ ହୋଇ ଯାଇଥିଲା। ମନୀଷ ୪୭ ବଲ୍‌ରୁ ୭୧(୮ ଚୌକା, ୨ ଛକା) ରନ କରି ଅପରାଜିତ ରହିଥିଲେ। ନବି ୨୦ ବଲ୍‌ରୁ ୩୧ ରନ କରିଥିଲେ।

ହାଇଦ୍ରାବାଦ ଦଳର ରନହାର(୦.୬୫୩) ବହୁତ ଭଲ ଅଛି। ତେଣୁ ଶନିବାର ମ୍ୟାଚରେ ବିଜୟୀ ହେଲେ ଦଳର ପ୍ଲେ-ଅଫ୍ ସମ୍ଭାବନା ବଢ଼ିଯିବ। ବିଶ୍ୱକପ ପାଇଁ ଜାତୀୟ ଦଳ ସହ ଯୋଗଦେବାପାଇଁ ଡେଭିଡ ୱାର୍ନର ଅଷ୍ଟ୍ରେଲିଆ ଫେରିଯାଇଥିବାରୁ ମନୀଷ ପାଣ୍ଡେଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଗତ ମ୍ୟାଚରେ ସେ ନିଜର ଦକ୍ଷତା ଦେଖାଇ ସାରିଛନ୍ତି। ସନ୍‌ରାଇଜର୍ସ ମ୍ୟାଚ ଜିତିବାକୁ ହେଲେ ଆଗାମୀ ମ୍ୟାଚରେ ଅଧିନାୟକ କେନ୍ ୱିଲିୟମସନ, ଅଲରାଉଣ୍ଡର ବିଜୟ ଶଙ୍କର ଓ ପ୍ରତ୍ୟାବର୍ତ୍ତନକାରୀ ରିଦ୍ଧିମାନ ଶାହଙ୍କୁ ରନ ସ୍କୋର କରିବାକୁ ପଡ଼ିବ। କେବଳ ସେତିକି ନୁହେଁ ବୋଲରମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳର ବିରାଟ କୋହଲି ଓ ଏବି ଡି'ଭିଲର୍ସଙ୍କୁ ରୋକିବାକୁ ହେବ। ଏ କ୍ଷେତ୍ରରେ ଆଫଗାନିସ୍ତାନ ସ୍ପିନର ରଶିଦ ଖାଁଙ୍କୁ ଅଗ୍ରଣୀ ଭୂମିକା ନେବାକୁ ହେବ। ଭୁବନେଶ୍ୱର କୁମାର, ସନ୍ଦୀପ ଶର୍ମା ଓ ଖଲିଲ ଅହମଦଙ୍କୁ ମଧ୍ୟ ଦାୟିତ୍ୱ ନେବାକୁ ପଡ଼ିବ।

ଅନ୍ୟପକ୍ଷରେ କୋହଲିଙ୍କ ଦଳ ଆତ୍ମସମ୍ମାନ ପାଇଁ ଏହି ମ୍ୟାଚ ଖେଳିବ। ବର୍ଷା ଯୋଗୁ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ବାତିଲ ହୋଇଯିବାରୁ ଦଳର ପ୍ଲେ-ଅଫ୍ ଆଶା ଶେଷ ହୋଇଯାଇଥିଲା। ତେଣୁ ବିଜୟ ସହ ସିଜନ ଶେଷ କରିବାକୁ ରୟାଲ ଚ୍ୟାଲେଞ୍ଜର୍ସ ଚାହିଁବ ନିଶ୍ଚିତ।

### ଆଜିର ମ୍ୟାଚ



ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ରାଜସ୍ଥାନ ରୟାଲ୍ସ

ସ୍ଥାନ : ନୂଆଦିଲ୍ଲୀ
ସମୟ : ଅପରାହ୍ନ ୪ଟା

ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ରୟାଲ ଚ୍ୟାଲେଞ୍ଜର୍ସ

ସ୍ଥାନ : ବେଙ୍ଗାଲୁରୁ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ସନରାଇଜର୍ସ ହାଇଦ୍ରାବାଦ ଦଳର ଅଭ୍ୟାସ।

# 'ସ୍ମିଥ୍, ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଦୃଢ଼ କରିବ'




ବ୍ରିସ୍‌ବେନ, ୩।୫(ପି.ଟି.)

ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ଏବେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ଦଳ ଦୃଢ ହୋଇଛି ଓ ଏବେ ଆମେ ଚିନ୍ତାମୁକ୍ତ ବୋଲି ଅଷ୍ଟ୍ରେଲୀୟ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ବିଶ୍ୱକପ୍‌ରେ ଆମେ ଗତଥର ଭଳି ପ୍ରଦର୍ଶନ କରିବୁ ବୋଲି ସେ କହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ କେପ୍ ଟାଉନ ଟେଷ୍ଟରେ ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଏହି ଦୁଇ ଖେଳାଳି ଗୋଟିଏ ବର୍ଷ ବାସନ୍ଦ ହୋଇଥିଲେ। ଏବେ ଏହି ବାସନ୍ଦାଦେଶ ଶେଷ ହୋଇଥିବାରୁ ଦୁହେଁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ଦଳ ମଧ୍ୟ ଏମାନଙ୍କୁ ସ୍ୱାଗତ କରିଛି। ଶୁକ୍ରବାର ବ୍ରିସ୍‌ବେନ୍‌ରେ ଆରମ୍ଭ ହୋଇଥିବା ବିଶ୍ୱକପ୍ ପ୍ରସ୍ତୁତି ଶିବିରରେ ସ୍ମିଥ୍ ଓ ୱାର୍ନର ଯୋଗ ଦେଇଛନ୍ତି। ଦୁଇ ଖେଳାଳି ବିଶ୍ୱସ୍ତରୀୟ ହୋଇଥିବାରୁ ଏମାନଙ୍କ ପ୍ରତ୍ୟାବର୍ତ୍ତନରେ ଦଳ ବେଶ୍ ଲାଭବାନ ହେବ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏହି ଦୁଇ ଖେଳାଳି ଚମତ୍କାର ପ୍ରଦର୍ଶନ କରି ଜବରଦସ୍ତ ଅଭ୍ୟାସ କରିବାର ସୁଯୋଗ ହାସଲ କରିଛନ୍ତି। ୱାର୍ନର ୧୨ଟି ଇନିଂସରୁ ସର୍ବାଧିକ ୬୯୨ ରନ ସଂଗ୍ରହ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ଅଭିଜ୍ଞତା ଦଳ ପାଇଁ ବିଶ୍ୱକପ୍‌ରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଏବେ ଆରୋନ ଫିଞ୍ଚ୍, ଉସ୍‌ମାନ ଖ୍ୱାଜା ଓ ଶନ୍ ମାର୍ଶଙ୍କ ସହ ସ୍ମିଥ୍ ଓ ୱାର୍ନର ଟପ୍ ଅର୍ଡରରେ ଯୋଗ ଦେବେ।

ଗତଥର ଅଷ୍ଟ୍ରେଲିଆ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ପୁଣି ଭାରତ ଓ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ କ୍ରମାଗତ ୮ଟି ମ୍ୟାଚ୍ ଜିତି ଜବରଦସ୍ତ ଫର୍ମରେ ରହିଛି। ଅତୀତରେ ଆମେ ଉଚ୍ଚକୋଟୀର ପ୍ରଦର୍ଶନ କରିଛୁ। ଏଥର ମଧ୍ୟ ବିଶ୍ୱକପ୍‌ରେ ଚାମ୍ପିୟନ ଭଳି ପ୍ରଦର୍ଶନ କରିବୁ। ଆଗାମୀ ବିଶ୍ୱକପ୍‌ରେ ଆମେ ସବୁ ସୁଯୋଗର ସଦ୍ ବ୍ୟବହାର କରିବୁ ବୋଲି ବୋଲି ଲାଙ୍ଗର କହିଛନ୍ତି। ମେ ୩୦ ତାରିଖରୁ ଇଂଲଣ୍ଡ ଓ ୱେଲ୍ସରେ ବିଶ୍ୱକପ୍ ଆରମ୍ଭ ହେବ।

## ପାଣ୍ଡେ ୩ ନମ୍ବରରେ ବ୍ୟାଟିଂ କରିବା ଉଚିତ

ମୁମ୍ବାଇ,୩।୫(ପି.ଟି.)

ଦୁଇ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଡେଭିଡ ୱାର୍ନର ଓ ଜନୀ ବେୟାରଷ୍ଟୋଙ୍କ ଅନୁପସ୍ଥିତି ଏବେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଚିନ୍ତା ସୃଷ୍ଟି କରିଛି। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ଅନୁପସ୍ଥିତିରେ ମନୀଷ ପାଣ୍ଡେ ୩ ନମ୍ବରରେ ବ୍ୟାଟିଂ କରିବା ଉଚିତ୍ ବୋଲି ହାଇଦ୍ରାବାଦର ଅନ୍ୟତମ ଖେଳାଳି ମହମ୍ମଦ ନବୀ କହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୩ ନମ୍ବରରେ ବ୍ୟାଟିଂ କରି ପାଣ୍ଡେ ୪୭ ବଲରୁ ଅପରାଜିତ ୭୧ ରନ କରିଥିଲେ। ପୁଣି ଅନ୍ତିମ ବଲ୍‌ରେ ଛକା ମାରି ସେ ମ୍ୟାଚ୍ ଟାଇ ରଖିବାକୁ ସକ୍ଷମ ହୋଇଥିଲେ। ତେଣୁ ୩ ନମ୍ବର ପାଣ୍ଡେଙ୍କୁ ବେଶ୍ ସୁହାଇବ। ଗତ କେତେଟି ମ୍ୟାଚ୍‌ରେ ସେ ୩ ନମ୍ବରରେ ସ୍ଥିର ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି ବୋଲି ନବୀ କହିଛନ୍ତି। ନବୀ ଓ ପାଣ୍ଡେ ଏହି ମ୍ୟାଚ୍‌ରେ ୪୯ ରନର ଭାଗୀଦାରି ସ୍ଥାପନ କରିଥିଲେ।

# ରାଇଜିଂର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ କେରଳ

## ହିରୋ ଇଣ୍ଡିଆନ ମହିଳା ଫୁଟବଲ ଲିଗ୍ ଆଜିଠୁ

ନୂଆଦିଲ୍ଲୀ,୩।୫(ପି.ଟି.)

ଲୁଧିଆନାର ଗୁରୁ ନାନକ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ହିରୋ ଇଣ୍ଡିଆନ ମହିଳା ଫୁଟବଲ ଲିଗ୍। ଦେଶର ଶ୍ରେଷ୍ଠ ମହିଳା ଫୁଟବଲର ଓ ବିଦେଶରୁ ତାରକା ମହିଳା ଫୁଟବଲରମାନେ ଏଥିରେ ଅଂଶଗ୍ରହଣ କରି ନିଜର ପରାକାଷ୍ଠା ଦେଖାଇବେ। ଗତଥରର ଚାମ୍ପିୟନ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ରବିବାରଠାରୁ କେରଳ ଏଫ୍‌ସି ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହି ଲିଗ୍‌ରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ୬ଟି ଦଳକୁ ନେଇ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଭାରତୀୟ ମହିଳା ଫୁଟବଲ ଉନ୍ନତି କରୁଛି। ମହିଳା ଫୁଟବଲରମାନେ ଆନ୍ତର୍ଜାତିକସ୍ତରରେ ଭଲ ପ୍ରଦର୍ଶନ କରୁଛନ୍ତି। ଲିଗ୍‌ର ଏହି ତୃତୀୟ ସଂସ୍କରଣ ମହିଳା ଫୁଟବଲର ବିକାଶରେ ବେଶ୍ ସହାୟକ ହେବ ବୋଲି ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶଲ ଦାସ କହିଛନ୍ତି। ଏହି ଲିଗ୍ ଦ୍ୱାରା ଦେଶରେ ମହିଳା ଫୁଟବଲରଙ୍କ ପ୍ରତିଭା ଚିହ୍ନଟ ଓ ବିକାଶ ହୋଇପାରିବ। ଏହି ଲିଗ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିବାରୁ ପଞ୍ଜାବ ଫୁଟବଲ ଆସୋସିଏଶନକୁ କୁଶଲ କୃତଜ୍ଞତା ଜଣାଇଛନ୍ତି। ଲୁଧିଆନାରେ ଏହି ଲିଗ୍ ବେଶ୍ ସଫଳତାର ସହ ଆୟୋଜନ ହେବ ବୋଲି ସେ କହିଛନ୍ତି।

**ଗ୍ରୁପ୍ ୧-** ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଗୋକୁଲମ, ଏଫ୍‌ସି ଅଲଖପୁରା, ହନ୍ସ ଓମ୍ୟାନ ଫୁଟବଲ କ୍ଲବ, ସେଣ୍ଟ୍ରାଲ ଏସ୍‌ଏସ୍‌ବି ଓମ୍ୟାନ ଫୁଟବଲ୍ କ୍ଲବ ଓ ପାଞ୍ଚିମ୍ ଫୁଟବଲର୍ସ ସାମିଲ ହୋଇଛନ୍ତି।

**ଗ୍ରୁପ୍ ୨-**ରେ ସାମିଲ ହୋଇଥିବା ଦଳଗୁଡିକ ହେଲେ ମଣିପୁର ପୋଲିସ୍, ସେଥୁ ଏଫ୍‌ସି ବାଙ୍ଗାଲୋର, ୟୁନାଇଟେଡ ଏଫ୍‌ସି, ସାଇ ଏସ୍‌ଟିସି କଟକ, ଏଫ୍ କୋହ୍ଲାପୁର ସିଟି ଓ ବରୋଦା ଫୁଟବଲ ଏକାଡେମୀ।



ଇଣ୍ଡିଆନ ମହିଳା ଫୁଟବଲ ଲିଗ୍ ଗତ ସଂସ୍କରଣର ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳ ଅତିଥିଙ୍କ ସହ (ଫାଇଲ ଫଟୋ)।

## ନୀରଜଙ୍କ କହୁଣିରେ ଅସ୍ତ୍ରୋପଚାର

ମୁମ୍ବାଇ,୩।୫- ଭାରତୀୟ ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା କହୁଣି ଅସ୍ତ୍ରୋପଚାର କରାଇଛନ୍ତି। ଏଥିନେଇ ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଦୋହାଠାରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ଅଂଶଗ୍ରହଣ କରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଜଣାଶୁଣା ଅସ୍ଥିଶଲ୍ୟ ଚିକିତ୍ସକ ଡ. ଦୀନେଶ୍ୱ ପାର୍ଡିୱାଲା କୋକିଲାବେନ ମେଡିକାଲରେ ନୀରଜଙ୍କ ଅସ୍ତ୍ରୋପଚାର କରିଛନ୍ତି। ମୁମ୍ବାଇଠାରେ କହୁଣି ଅସ୍ତ୍ରୋପଚାର କରାଇଛି। ମୋତେ ପୁଣି ଜାଭେଲିନ ଥ୍ରୋ କରିବା ପାଇଁ ମାସରୁ ଅଧିକ ସମୟ ବିଶ୍ରାମ ଦରକାର। ଆଶା କରୁଛି ଫେରିବା ପରେ ଅଧିକ ଭଲ ପ୍ରଦର୍ଶନ କରିବି ବୋଲି ନୀରଜ ଶୁକ୍ରବାର ଟୁଇଟ୍ କରିଛନ୍ତି। ଗତ ଏପ୍ରିଲରେ ଏନ୍‌ଆଇଏସ୍ ପଟିଆଲାଠାରେ ଅଭ୍ୟାସ କରୁଥିବାବେଳେ ୨୧ ବର୍ଷୀୟ ଜାଭେଲିନ ଥ୍ରୋୟର କହୁଣିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଡ. ପାର୍ଡିୱାଲା ବହୁ ଜଣାଶୁଣା କ୍ରୀଡ଼ାବିତଙ୍କ କହୁଣି ଅସ୍ତ୍ରୋପଚାର କରିସାରିଛନ୍ତି। ଏଥିରେ ଡବଲ ଅଲିମ୍ପିକ୍ ପଦକଧାରୀ ରେସଲର ସୁଶୀଲ କୁମାର, ଷ୍ଟାର ଶଟଲର ସାଇନା ନେହ୍ୱାଲ, ପି.ଭି. ସିନ୍ଧୁ, ଏଚ୍.ଏସ୍. ପ୍ରଣୟ, କୁସ୍ତିଯୋଦ୍ଧା ଯୋଗେଶ୍ୱର ଦତ୍ତ, ଭିନେଶ ଫୋଗଟ, ଅଖିଲ କୁମାରଙ୍କ ଭଳି କ୍ରୀଡ଼ାବିତ ରହିଛନ୍ତି। ନୀରଜଙ୍କୁ କେତେ ସମୟ ଜାଭେଲିନଠାରୁ ଦୂରେର ରହିବା ପଡ଼ିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସମାନ ସମସ୍ୟା ଯୋଗୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ସେ ଅଂଶଗ୍ରହଣ କରିପାରି ନ ଥିଲେ।

## ନିଜର ବୟସ ସ୍ପଷ୍ଟ କଲେ ଆଫ୍ରିଦୀ

ନୂଆଦିଲ୍ଲୀ,୩।୫- ପୂର୍ବତନ ପାକିସ୍ତାନ ଦଳର ଅଧିନାୟକ ଶାହିଦ ଆଫ୍ରିଦୀ ଶେଷରେ ନିଜ ବୟସ ଉପରୁ ରହସ୍ୟର ପରଦା ହଟାଇଛନ୍ତି। ଅଫିସିଆଲ ରେକର୍ଡ ଅନୁଯାୟୀ ସେ ୧୯୮୦ରେ ଜନ୍ମ ହୋଇଥିଲେ। ହେଲେ ଏହି ତଥ୍ୟ ଭୁଲ ଅଛି। ୧୯୮୦ରେ ନୁହେଁ ୧୯୭୫ରେ ଜନ୍ମ ହୋଇଥିଲେ। ଆଫ୍ରିଦୀ ନିଜର ଆତ୍ମଜୀବନୀରେ ଏହା ସ୍ପଷ୍ଟ କରିଛନ୍ତି। ଫଳରେ ତାଙ୍କ ନାମରେ ଥିବା କନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଶତକ ଲଗାଇବାର ରେକର୍ଡ ହଟାଯାଇପାରେ। ସେ ୧୯୯୬ରେ ଶ୍ରୀଲଙ୍କା ବିପକ୍ଷରେ ୩୭ ବଲରୁ ଶତକ ଅର୍ଜନ କରିଥିଲେ। ସେତେବେଳେ ତାଙ୍କୁ ୧୬ ବୟସ ହୋଇଥିଲା ବୋଲି ଆଇସିସି ରେକର୍ଡ ବୁକ୍‌ରେ ସ୍ଥାନ ପାଇଛି। ସେମାନଙ୍କ ଦାବି ଅନୁଯାୟୀ ମୋତେ ୧୬ ବର୍ଷ ହୋଇ ନ ଥିଲା। ୧୯୯୬ରେ ମୁଁ ୧୯ ବର୍ଷରେ ପାଦ ଦେଇ ସାରିଥିଲି। ମୁଁ ୧୯୭୫ରେ ଜନ୍ମ ହୋଇଛି। ଏଣୁ ମୋ ବୟସ ସମ୍ପର୍କରେ ଉଲ୍ଲେଖ କରିବାରେ କର୍ମକର୍ତ୍ତାଙ୍କ ତ୍ରୁଟି ହୋଇଛି ବୋଲି ଆଫ୍ରିଦୀ ନିଜ ଆତ୍ମଜିବନୀ 'ଗେମ୍ ଚେଞ୍ଜର'ରେ ଲେଖିଛନ୍ତି। କିନ୍ତୁ ଏହି ପୂର୍ବତନ ପାକିସ୍ତାନ କ୍ରିକେଟରଙ୍କ ଦାବି ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। କାରଣ ଯଦି ୧୯୭୫କୁ ତାଙ୍କ ଜନ୍ମବର୍ଷ ବୋଲି ଧରି ନିଆଯାଏ, ତେବେ ୧୯୯୬ ସୁଦ୍ଧା ତାଙ୍କ ବୟସ ୨୧ ହେବା କଥା। ପୂର୍ବତନ ଅଲରାଉଣ୍ଡର ପାକିସ୍ତାନ ପକ୍ଷରୁ ୨୭ ଟେଷ୍ଟ, ୩୯୮ ଦିନିକିଆ ଓ ୯୯ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ୨୦୧୬ ଟି୨୦ ବିଶ୍ୱକପ୍‌ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ